Odia Daily
www.theutkalsamachar.com
ଉତ୍କଳ ସମାଚାର
ବୈପ୍ଳବିକ ଚେତନାର ମୁଖପତ୍ର
THE UTKAL SAMACHAR
PUBLISHED FROM ROURKELA, SAMBALPUR & BHUBANESWAR
Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448
+Vol - 21+ Issue No:333+2 April 2026 (Thursday) + Rourkela + Rs.2.00 + Page -1 +୨୧ ବର୍ଷ +ସଂଖ୍ୟା:୩୩୩+୨ ଏପ୍ରିଲ ୨୦୨୬ (ଗୁରୁବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ଯୁଦ୍ଧ ବନ୍ଦ କରିବାକୁ ବିଚାର କରୁଛି ଆମେରିକା

ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଟ୍ରମ୍ପ

ନୂଆଦିଲ୍ଲୀ, ୧/୪ : ବିଶ୍ୱର ପ୍ରମୁଖ ଜଳମାର୍ଗ ହୋର୍ମୁଜ ପ୍ରଣାଳୀ ଖୋଲୁ କି ନ ଖୋଲୁ ଇରାନ ବିରୋଧରେ ଚାଲିଥିବା ଯୁଦ୍ଧ ବନ୍ଦ କରିବା ଉପରେ ବିଚାର କରୁଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଏ ସମ୍ପର୍କରେ ସେ ତାଙ୍କ ପ୍ରଶାସନର ଶୀର୍ଷ ଅଧିକାରୀ ଓ ପରାମର୍ଶଦାତାଙ୍କ ସହ ବିଚାର ଆଲୋଚନା କରୁଛନ୍ତି । ଦି ୱାଲ ଷ୍ଟ୍ରିଟ ଜର୍ଣ୍ଣାଲ ପକ୍ଷରୁ ଆଜି ଏଭଳି ଖବର ପ୍ରକାଶ ପାଇଛି । ରିପୋର୍ଟ ଅନୁସାରେ ଟ୍ରମ୍ପ ଓ ତାଙ୍କର ସହଯୋଗୀଙ୍କ କହିବାକଥା ହୋର୍ମୁଜ ଉପରେ ଆମେରିକା ନିର୍ଭରଶୀଳ ନୁହେଁ । ଏହି ଜଳମାର୍ଗ ଦେଇ ଆମେରିକା ତୈଳ କିମ୍ବା ଗ୍ୟାସ୍ ଆଣୁନାହିଁ । ଏହା ଖୋଲୁ କି ନଖୋଲୁ ସେଥିରେ ଆମେରିକାର କିଛି ନାହିଁ । କିନ୍ତୁ ଆମେରିକା ଯଦି ବଳପୂର୍ବକ ହୋର୍ମୁଜ ଖୋଲିବାକୁ ଉଦ୍ୟମ କରିବ ତେବେ ଯୁଦ୍ଧ ଆହୁରି ଲମ୍ବା ସମୟ ପର୍ଯ୍ୟନ୍ତ ଚାଲିବ । ଇରାନ ଯୁଦ୍ଧକୁ ୪ରୁ ୬ ସପ୍ତାହ ଭିତରେ ଶେଷ କରିବା ଲାଗି ପୂର୍ବରୁ ଟ୍ରମ୍ପ ସମୟ ଧାର୍ଯ୍ୟ କରିଥିଲେ । ଏହି ସମୟରେ ଇରାନର ସମସ୍ତ ମିସାଇଲ୍ କ୍ଷମତା ଓ ନୌସେନାକୁ ଧ୍ୱସ୍ତ କରିବାକୁ ରଣନୀତି ବନାଇଥିଲେ । ଯୁଦ୍ଧ ଇତିମଧ୍ୟରେ ୪ ସପ୍ତାହ ଅତିକ୍ରମ କରି ପଚଂମ ସପ୍ତାହରେ ପହଚିଂଛି । କିନ୍ତୁ ଯାହା ଲାଗୁଛି ଏହି ସମୟ ସୀମା ଭିତରେ ଇରାନ ଯୁଦ୍ଧ ଶେଷ ହେବ ନାହିଁ । ସେପଟେ ହୋର୍ମୁଜ ଖୋଲିବାକୁ ପ୍ରୟାସ କଲେ ଯୁଦ୍ଧ ଆହୁରି ଆଗକୁ ବଢ଼ିପାରେ । ତଥାପି ଟ୍ରମ୍ପ ପ୍ରଶାସନ ପାଖରେ ସୈନ୍ୟ ଅଭିଯାନ ବିକଳ୍ପ ରହିଛି । କିନ୍ତୁ ଏହା ପ୍ରାଥମିକତା ନୁହେଁ । ଏଭଳି ସମୟରେ ହ୍ୱାଇଟ୍ ହାଉସ୍‌ର ପ୍ରେସ ସଚିବ କାରୋଲିନ ଲେଭିଟ୍ କହିଛନ୍ତି ହୋର୍ମୁଜ ଜଳମାର୍ଗକୁ ସ୍ୱାଭାବିକ କରିବା ଦିଗରେ ଆମେରିକା କାର୍ଯ୍ୟ କରୁଛି । ଟ୍ରମ୍ପଙ୍କ ଅନୁସାରେ ଇରାନର ମିସାଇଲ କ୍ଷମତା ଓ ନୌଶକ୍ତିକୁ ଧ୍ୱଂସ କରିବା ହେଉଛି ଯୁଦ୍ଧର ଉଦ୍ଦେଶ୍ୟ । ୬ ସପ୍ତାହ ଭିତରେ ଏହି ଲକ୍ଷ୍ୟ ହାସଲ ହେଲେ ଯୁଦ୍ଧ ବନ୍ଦ ହୋଇଯିବ । ଟ୍ରମ୍ପ ନିଜକୁ ବିଜୟୀ ବୋଲି ଘୋଷଣା କରିବେ । ହୋର୍ମୁଜ ଖୋଲିବା ନ ଖୋଲିବା ସହ ତାଙ୍କର କିଛି ଯାଏଆସେ ନାହିଁ । ତେବେ ଏହି ଜଳମାର୍ଗ ଖୋଲିବା ଲାଗି ଇରାନ ଉପରେ କୂଟନୈତିକ ଚାପ ପକାଯିବ । ୟୁରୋପୀୟ ଓ ଉପସାଗରୀୟ ଦେଶ ସହାୟତାରେ ଏହି କାର୍ଯ୍ୟ କରାଯିବ । ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ହୋର୍ମୁଜ ଦେଇ ଯାଉଥିବା ୮୪ ପ୍ରତିଶତ ତେଲ ଏସିଆ ବଜାରକୁ ଯାଉଛି । ତେଣୁ ଏହାକୁ ଖୋଲିବାର ଦାୟିତ୍ୱ ଏସିଆ ଓ ୟୁରୋପର ହେବା ଉଚିତ । ତେବେ ଟ୍ରମ୍ପଙ୍କ ଏଭଳି ନିଷ୍ପତ୍ତି ଯୋଗୁ ହୋର୍ମୁଜ ଉପରେ ଇରାନର ଦବ୍‌ଦବା ଆହୁରି ଅଧିକ ହୋଇଯିବ । ଇରାନ ଏହାକୁ ସମ୍ପୂର୍ଣ୍ଣ ଭାବେ ନିଜ କବ୍ଜାକୁ ନେବ । ଏହାକୁ ପୁଣିଥରେ ଖୋଲିବା ଲାଗି କୂଟନୈତିକ ପ୍ରୟାସ କରିବାକୁ ପଡିବ । ଟ୍ରମ୍ପ ଲଗାତାର ଇରାନକୁ ଧମକ ଦେଇ କହୁଛନ୍ତି ଯେ ହୋର୍ମୁଜ ନ ଖୋଲିଲେ ଆକ୍ରମଣ ଜୋର୍ଦାର କରାଯିବ । କିନ୍ତୁ ହୋର୍ମୁଜ ପ୍ରଣାଳୀକୁ ବିନା ମୁକ୍ତ କରି ପଛକୁ ହଟିବା ନିଷ୍ପତ୍ତି ଟ୍ରମ୍ପଙ୍କ ବଡ ୟୁ-ଟର୍ଣ୍ଣ ବୋଲି କୁହାଯାଉଛି । ଗତ ଫେବ୍ରୁଆରୀ ୨୮ରେ ଆମେରିକା ଓ ଇସ୍ରାଏଲ ସେନାର ଆକ୍ରମଣ ପରେ ଇରାନ ହୋର୍ମୁଜକୁ ବନ୍ଦ କରିଦେଇଛି । ଫଳରେ ସମଗ୍ର ବିଶ୍ୱରେ ଇନ୍ଧନ ସଙ୍କଟ ସୃଷ୍ଟିହୋଇଛି ।

ଉତ୍କଳ ଦିବସରେ ଚିଠି ଲେଖି ଓଡ଼ିଆ ଅସ୍ମିତା, ସମୃଦ୍ଧ ପରମ୍ପରା ଓ ଐତିହ୍ୟର ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧/୪ (ନି/ପ୍ର): ଉତ୍କଳ ଦିବସରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚିଠି। ୪ ପୃଷ୍ଠାର ଚିଠି ଲେଖିଛନ୍ତି ପିଏମ୍। ଓଡ଼ିଆ ଅସ୍ମିତା, ସମୃଦ୍ଧ ପରମ୍ପରା ଓ ମନମୁଗ୍ଧକର ଐତିହ୍ୟର କଥା ଉଲ୍ଲେଖ ରହିଛି। ବିଜୁ ବାବୁଙ୍କ ସାହାସିକତାକୁ ଭୁରି ଭୁରି ପ୍ରଶଂସା କରିଛନ୍ତି। ସୁଭଦ୍ରା ଯୋଜନା ଏବଂ ମାଓବାଦୀ ଦମନରେ ଓଡ଼ିଶାର ସଫଳତାକୁ ମଧ୍ୟ ପ୍ରଶଂସା କରିଛନ୍ତି। ଚିଠିରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ବେଳେ ଓଡ଼ିଆ ଲୋକଙ୍କ ସହ ମତ ବିନିମୟ କଥା ମଧ୍ୟ ଉଲ୍ଲେଖ ରହିଛି। ପ୍ରଧାନମନ୍ତ୍ରୀଙ୍କ ଶୁଭକାମନା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କୃତଜ୍ଞତା ଜଣାଇଛନ୍ତି। ଓଡ଼ିଶାର ଗୌରବଶାଳୀ ଇତିହାସ ଏବଂ ଓଡ଼ିଆ ସଂସ୍କୃତିକୁ ମୋଦି ଏକ ସଭ୍ୟତାଗତ ଐତିହ୍ୟ ଭାବେ ବର୍ଣ୍ଣନା କରିଥିବାରୁ ଆମେ ଗର୍ବିତ ବୋଲି କହିଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଯେ, ଓଡ଼ିଶା ସହିତ ଆପଣଙ୍କର ଦୀର୍ଘ ଦିନର ସମ୍ପର୍କ, ବିଶେଷକରି ଗୁଜରାଟ ଓ ଓଡ଼ିଶା ମଧ୍ୟରେ ଥିବା ସୂର୍ଯ୍ୟ ମନ୍ଦିର ଏବଂ ରଥଯାତ୍ରାର ସମାନତା ବିଷୟରେ ଆପଣଙ୍କ ସ୍ମୃତିଚାରଣ ଆମକୁ ଅଭିଭୂତ କରିଛି। ଅହମ୍ମଦାବାଦ ରଥଯାତ୍ରାରେ ଆପଣ କରିଥିବା ପହଣ୍ଡି ବିଧିର ଅନୁଭୂତି ଆମ ସାଂସ୍କୃତିକ ଏକତାକୁ ପ୍ରତିଫଳିତ କରୁଛି। ଓଡ଼ିଶାର ପ୍ରଗତି ପାଇଁ ଆପଣଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ଅକୁଣ୍ଠ ସମର୍ଥନ ପ୍ରଶଂସନୀୟ । ୨୦୨୫-୨୬ ବର୍ଷ ପାଇଁ ରେଳବାଇ କ୍ଷେତ୍ରରେ ୧୦,୬୦୦ କୋଟି ଟଙ୍କାର ରେକର୍ଡ ପାଣ୍ଠି ଆବଂଟନ ଏବଂ ବନ୍ଦର ଭିତ୍ତିକ ବିକାଶ ଓଡ଼ିଶାକୁ ଏକ ପ୍ରମୁଖ ସାମୁଦ୍ରିକ ଓ ଶିଳ୍ପଭିତ୍ତିକ ରାଜ୍ୟରେ ପରିଣତ କରିବ । ଏଥିସହିତ, ସୁଭଦ୍ରା ଯୋଜନା ଦ୍ୱାରା ୧ କୋଟିରୁ ଅଧିକ ମହିଳାଙ୍କ ସଶକ୍ତିକରଣ ଏବଂ ଲକ୍ଷପତି ଦିଦି ସୃଷ୍ଟି କରିବା ଦିଗରେ ଆମ ସରକାରଙ୍କ ପ୍ରୟାସକୁ ଆପଣଙ୍କ ପ୍ରଶଂସା ଆମର 'ନାରୀ ଶକ୍ତି'କୁ ଆହୁରି ଉତ୍ସାହିତ କରିବ।

ଜିଲ୍ଲା ଯୋଜନା ବୋର୍ଡ ପୁନର୍ଗଠନ, ନିଯୁକ୍ତି ପାଇଲେ ନୂତନ ଅଧକ୍ଷ

ଭୁବନେଶ୍ୱର, ୧/୪(ନି/ପ୍ର): ଆଜି ରାଜ୍ୟ ସରକାର ୩୦ ଜିଲ୍ଲାର ଯୋଜନା ବୋର୍ଡ ନିମନ୍ତେ ଅଧକ୍ଷ ଘୋଷଣା କରିଛନ୍ତି। ତାଲିକାରେ ଚାରିଜଣ ରାଜ୍ୟମନ୍ତ୍ରୀ- ସୁରେଶ ପୂଜାରୀ, ନିତ୍ୟାନନ୍ଦ ଗଣ୍ଡ, ପୃଥ୍ୱୀରାଜ ହରିଚନ୍ଦନ ଓ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସାମିଲ କରାଯାଇଛି। ଆଜି ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଅନୁଗୁଳଜିଲ୍ଲା ନିମନ୍ତେ ଅଶୋକ ମହାନ୍ତି, ଲକ୍ଷ୍ମଣ ବାଗ (ବଲାଙ୍ଗୀର), ପଦ୍ମଲୋଚନ ପରିଚ୍ଛା (ବାଲେଶ୍ୱର), ଅଶ୍ୱିନୀ କୁମାର ଷଡ଼ଙ୍ଗୀ (ବରଗଡ଼), ସୀତାଂଶୁ ଶେଖର ମହାପାତ୍ର (ଭଦ୍ରକ), କହ୍ନାଇ ଚରଣ ଡାଙ୍ଗ (ବୌଦ୍ଧ), ଛବି ମଲ୍ଲିକ (କଟକ), ରାଜ୍ୟ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଦେଓଗଡ଼, ସୀମାରାଣୀ ନାୟକ (ଢେଙ୍କାନାଳ), ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ (ଗଜପତି), ପୂର୍ଣ୍ଣଚନ୍ଦ୍ର ସେଠୀ (ଗଞ୍ଜାମ), ଅମରେନ୍ଦ୍ର ଦାସ (ଜଗତସିଂହପୁର), ଟଙ୍କଧର ତ୍ରିପାଠୀ (ଝାରସୁଗୁଡ଼ା), ଆକାଶ ଦାଶନାୟକ (ଯାଜପୁର), ସୁଧୀର ରଞ୍ଜନ ପାଟ୍ଟଯୋଶୀ (କଳାହାଣ୍ଡି), ଉମାଚରଣ ମଲ୍ଲିକ (କନ୍ଧମାଳ), ଡ ଦୁର୍ଗାପ୍ରସନ୍ନ ନାୟକ (କେନ୍ଦ୍ରପଡ଼ା), ଡ ଫକୀର ମୋହନ ନାୟକ (କେନ୍ଦୁଝର), ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା), ରଘୁରାମ ମାଛ (କୋରାପୁଟ), ନରସିଂହ ମାଡକାମୀ (ମାଲକାନଗିରି), ଭାସ୍କର ମଢ଼େଇ (ମୟୂରଭଞ୍ଜ), ଗେ ?ରୀଶଙ୍କର ମାଝି (ନବରଙ୍ଗପୁର), ଦୁଷ୍ମନ୍ତ କୁମାର ସ୍ୱାଇଁ (ନୟାଗଡ଼), ଜୟ ଢୋଲକିଆ (ନୂଆପଡ଼ା), ଓମ୍ ପ୍ରକାଶ ମିଶ୍ର (ପୁରୀ), ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ (ରାୟଗଡ଼), ରାଜ୍ୟ ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର (ସମ୍ବଲପୁର), ରଘୁନାଥ ଜଗଦଲା (ସୁବର୍ଣ୍ଣପୁର), ଦୁର୍ଗାଚରଣ ତନ୍ତି (ସୁନ୍ଦରଗଡ଼)। ସୂଚନାଯୋଗ୍ୟ, ୨୦୨୪ ନିର୍ବାଚନ ପରେ ଜୁଲାଇରେ ରାଜ୍ୟ ଯୋଜନାବୋର୍ଡ ଭଙ୍ଗ ହୋଇଥିଲା। ଏହାପରେ ଏହାର ପୁନର୍ଗଠନ ନିମନ୍ତେ ଦାବି ହୋଇ ଆସୁଥିଲା।

ମିଲିଟାରୀ ପ୍ଲେନ୍ କ୍ରାସ୍ : ୨୯ ମୃତ

ନୂଆଦିଲ୍ଲୀ, ୧/୪: ମଧ୍ୟପ୍ରାଚ୍ୟ ଯୁଦ୍ଧ ଘନଘଟା ମଧ୍ୟରେ ରୁଷରେ ଏକ ଭୟଙ୍କର ବିମାନ ଦୁର୍ଘଟଣା ଘଟିଛି। ଯେଉଁଥିରେ ୨୯ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୨୩ଜଣ ଯାତ୍ରୀ ଓ ୬ଜଣ ବିମାନ କ୍ରୁମେମ୍ବର ରହିଛନ୍ତି। ରିପୋର୍ଟ ଅନୁଯାୟୀ, ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବିବୃତି ଜାରି କରି କହିଛି ଯେ କ୍ରିମିଆରେ ଏକ ରୁଷୀୟ ଏଏନ୍-୨୬ ସାମରିକ ପରିବହନ ବିମାନ ପଥରରେ ଧକ୍କା ଖାଇଛି। ଯେଉଁଥିରେ ସମସ୍ତ ୨୯ ଜଣଙ୍କର ମୃତ୍ୟୁ ହୋଇଛି। ଏହା କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ହୋଇଥାଇପାରେ। ଏକ ସାମରିକ କମିଶନ ଘଟଣାସ୍ଥଳରେ କାର୍ଯ୍ୟ କରୁଛି। ମିଳିଥିବା ସୂଚନା ଅନୁଯାୟୀ ୨୦୨୨ ମସିହାରେ ୟୁକ୍ରେନର ଦକ୍ଷିଣ-ପୂର୍ବ ଜାପୋରିଝିଆ ଅଚଂଳରେ ବୈଷୟିକ ଉଡ଼ାଣ ସମୟରେ ଏକ ୟୁକ୍ରେନୀୟ ଏଏନ୍-୨୬ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯେଉଁଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ୨୦୨୦ ମସିହାରେ, ଉତର-ପୂର୍ବ ୟୁକ୍ରେନରେ ଏକ ତାଲିମ ଉଡ଼ାଣ ସମୟରେ ଆଉ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯେଉଁଥିରେ ୨୭ ଜଣଙ୍କ ମଧ୍ୟରୁ ଜଣେ ବ୍ୟତୀତ ସମସ୍ତେ ପ୍ରାଣ ହରାଇଥିଲେ।

ଜମ୍ମୁ-କାଶ୍ମୀରର ଗାନ୍ଦରବଲରେ ଏନକାଉଣ୍ଟର:

ସୁରକ୍ଷା ବାହିନୀଙ୍କ ଗୁଳିରେ ଜଣେ ଆତଙ୍କବାଦୀ ନିହତ

ଶ୍ରୀନଗର, ୧/୪: ଜମ୍ମୁ ଓ କାଶ୍ମୀରର ଗାନ୍ଦରବଲ ଜିଲ୍ଲାରେ ସୁରକ୍ଷା ବାହିନୀ ଏବଂ ଲୁଚି ରହିଥିବା ଆତଙ୍କବାଦୀ ମୁହାଁମୁହିଁ ହୋଇଛନ୍ତି। ମିଳିତ ସୁରକ୍ଷା ବାହିନୀଙ୍କ ଏନକାଉଣ୍ଟରରେ ଜଣେ ମୃତ୍ୟୁ ଘଟିଛି। ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ଗୁପ୍ତ ସୂଚନା ପାଇବା ପରେ, ସେନା, ଜମ୍ମୁ ଓ କାଶ୍ମୀର ପୁଲିସ ଏବଂ ସିଆରପିଏଫ ସମେତ ମିଳିତ ବାହିନୀ ଗାନ୍ଦରବଲର ଅରହାମା ଗାଁକୁ ଘେରି ଯାଇଥିଲେ। ସୁରକ୍ଷା ବାହିନୀଙ୍କ ପକ୍ଷରୁ ଆତ୍ମସମର୍ପଣ କରିବା ପାଇଁ ଆତଙ୍କବାଦୀଙ୍କୁ ଚେତାବନୀ ଦିଆଯାଇଥିଲା। ମାତ୍ର ସେମାନେ ପ୍ରଥମେ ଗୁଳି ଚାଳନା କରିଥିଲେ। ଏହାର ଜବାବରେ ମିଳିତ ସୁରକ୍ଷା ବାହିନୀଙ୍କ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା। ସ୍ଥାନୀୟ ଅଚଂଳରେ ଲୁଚି ରହିଥିବା ଅଧିକ ଆତଙ୍କବାଦୀଙ୍କ ସନ୍ଧାନରେ ସର୍ଚ୍ଚ ଅପରେସନ ଜାରି ରହିଛି। ଅଚଂଳରେ ଦୁଇ ଜଣ ଆତଙ୍କବାଦୀ ଲୁଚି ରହିଥିବା ଖବର ମିଳିଥିଲା। ସୁରକ୍ଷା ବାହିନୀ ଆତଙ୍କବାଦୀଙ୍କ ପଳାୟନ ପାଇଁ ସମସ୍ତ ରାସ୍ତାକୁ ସିଲ୍ କରିଦେଇଛନ୍ତି। ସୂଚନା ଅନୁଯାୟୀ ଗାଁରେ କିଛି ଆତଙ୍କବାଦୀ ଲୁଚି ରହିଛନ୍ତି । ଉନ୍ନର କାଶ୍ମୀରର ଗାନ୍ଦରବଲ ଜିଲ୍ଲା ଏପର୍ଯ୍ୟନ୍ତ ଆତଙ୍କବାଦୀଙ୍କ ଉପସ୍ଥିତିରୁ ମୁକ୍ତ ବୋଲି ବିବେଚନା କରାଯାଉଥିଲା। ମାତ୍ର ପୁଣି ଏଠାରେ ଆତଙ୍କବାଦୀ ଲୁଚି ରହିଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ମଙ୍ଗଳବାର ସନ୍ଧ୍ୟାରେ ଆରମ୍ଭ ହୋଇଥିବା ଏହି ଅପରେସନରେ ପୁଲିସ୍ ? ଏବଂ ସେନା କର୍ମଚାରୀଙ୍କ ଏକ ମିଳିତ ଦଳ ଅ*ଳକୁ ଘେରାବନ୍ଦୀ କରିଥିଲା। ଅନ୍ଧାର ଯୋଗୁଁ ରାତିସାରା ଅପରେସନ୍ ବନ୍ଦ ରଖାଯାଇଥିଲା। ଏବଂ ଭୋର ସମୟରେ ପୁଣି ଆରମ୍ଭ କରାଯାଇଥିଲା।

ବିକଶିତ ଭାରତ ନିର୍ମାଣରେ କୁଶଳ ଏବଂ କର୍ମଠ ଓଡ଼ିଶାବାସୀଙ୍କ ଭୂମିକା ଉଲ୍ଲେଖନୀୟ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧/୪: ଓଡ଼ିଶା ଦିବସ ଉପଲକ୍ଷେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ସାମଜିକ ଗଣମାଧ୍ୟମ 'ଏକ୍ସ'ରେ ସେ କହିଛନ୍ତି, ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ସୁପ୍ରାଚୀନ ପରମ୍ପରା ତଥା ଓଡ଼ିଶାବାସୀଙ୍କ ଧୈର୍ଯ୍ୟ ଓ ସହନଶୀଳତାର ସ୍ୱାକ୍ଷର ବହନ କରେ ଏହି ଦିବସ। ଦେଶର ସ୍ୱାଧୀନତା ସଂଗ୍ରାମ ଏବଂ ରାଷ୍ଟ୍ରଗଠନରେ ଓଡ଼ିଶାର ଅମୂଲ୍ୟ ଯୋଗଦାନ ଆମ ସମସ୍ତଙ୍କୁ ସବୁବେଳେ ପ୍ରେରଣା ଦେଇଆସିଛି। ବିକଶିତ ଭାରତ ନିର୍ମାଣରେ କୁଶଳ ଏବଂ କର୍ମଠ ଓଡ଼ିଶାବାସୀଙ୍କ ଭୂମିକା ବେଶ୍ ଉଲ୍ଲେଖନୀୟ। ଆଜିର ଏହି ଶୁଭ ଅବସରରେ ଓଡ଼ିଶାବାସୀଙ୍କ ସୁଖ-ସମୃଦ୍ଧି ଓ ମଙ୍ଗଳ ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୁଁ ପ୍ରାର୍ଥନା କରୁଅଛି। ଏଣେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜର ଶୁଭେଚ୍ଛା ବାର୍ତାରେ କହିଛନ୍ତି, ଓଡ଼ିଶା ସମେତ ବିଶ୍ୱର ବିଭିନ୍ନ ଅଚଂଳରେ ରହୁଥିବା ଓଡ଼ିଆ ଭାଇ ଭଉଣୀମାନଙ୍କୁ 'ଓଡ଼ିଶା ଦିବସ'ର ହାର୍ଦ୍ଦିକ ଶୁଭେଚ୍ଛା। ୧୯୩୬ ମସିହା ଆଜିର ଦିନରେ ଭାଷା ଭିତ୍ତିରେ ଆମ ରାଜ୍ୟ ଓଡ଼ିଶା ପ୍ରଥମ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପ୍ରାପ୍ତ ହେବାର ଗୌରବ ଲାଭ କରିଥିଲା। ଆଜିର ପବିତ୍ର ଦିନରେ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ସୁରକ୍ଷା ପାଇଁ ବଳିଦାନ ଦେଇଥିବା ସେହି ବରେଣ୍ୟ ସନ୍ତାନମାନଙ୍କୁ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି। ଆସନ୍ତୁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଆମେ ଆମର ଗୌରବମୟ କଳା, ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ଆହୁରି ସମୃଦ୍ଧ କରିବା ପାଇଁ ସଂକଳ୍ପବଦ୍ଧ ହେବା। ତେଣେ ପବିତ୍ର ଉତ୍କଳ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଏହି ଐତିହାସିକ ଦିବସ ଅବସରରେ ଦେଶ ଓ ବିଦେଶରେ ରହୁଥିବା ସମସ୍ତ ଓଡ଼ିଆ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ବୋଲି କହିଛନ୍ତି। ଭାଷା ଭିତିରେ ଗଠିତ ପ୍ରଥମ ପ୍ରଦେଶ ଭାବେ ଓଡ଼ିଶା ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ଏହି ଅବସରରେ ମୁଁ ସେହି ମହାନ ବରପୁତ୍ରମାନଙ୍କୁ ମୋର ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛି, ଯେଉଁମାନଙ୍କ ତ୍ୟାଗ ଓ ଦୂରଦୃଷ୍ଟି ଯୋଗୁଁ ଏକ ସ୍ୱତନ୍ତ୍ର ଓଡ଼ିଶା ସମ୍ଭବ ହୋଇଥିଲା।

ଅନୁଗୋଳ ଆଠମଲ୍ଲିକର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ

ଛାତ୍ରଛାତ୍ରୀଙ୍କୁ ଉତମ ଶିକ୍ଷା ସହ ସ୍ୱାସ୍ଥ୍ୟ ପ୍ରଦାନ ହେଉ 'ଓଡ଼ିଶା ଦିବସ'ର ମୂଳ ସଂକଳ୍ପ: ଧର୍ମେନ୍ଦ୍ର ପ୍ରଧାନ

ଅନୁଗୋଳ/ଆଠମଲ୍ଲିକ, ୧/୪: ୧୯୩୬ ଏପ୍ରିଲ ୧ରେ ଭାଷାଭିତିକ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । ୨୦୩୬ରେ ଆମେ ଓଡ଼ିଶା ଗଠନର ଶତବାର୍ଷିକୀ ପାଳନ କରିବା । ଏହି ସମୟ ମଧ୍ୟରେ 'ବିକଶିତ ଭାରତ' ଓ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ସେତେବେଳେ ସାକାର ହେବ, ଯେତେବେଳେ ଆମ ଓଡ଼ିଆ ପିଲାମାନେ ସୁସ୍ଥ ରହିବା ସହ ଉନ୍ନତ ଶିକ୍ଷା ପାଇବେ । ଏହି ଲକ୍ଷ୍ୟ ପୂରଣ ପାଇଁ ଆମ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି 'ଉତ୍କଳ ଦିବସ'ର ଗୋଟିଏ ଦିନର ଅବ୍ୟବହିତ ପୂର୍ବରୁ ଆଠମଲ୍ଲିକରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ମଙ୍ଗଳବାର ଆଠମଲ୍ଲିକର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରାୟ ୨୦୪ କୋଟି ୩୨ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟରେ ବିଭିନ୍ନ ଜନହିତକର ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବକା ସାଥ୍, ସବକା ବିକାଶ' ମନ୍ତ୍ରରେ ଅଚଂଳର ପ୍ରଗତି ପଥକୁ ପ୍ରଶସ୍ତ କରିବ । ସେ ଆହୁରି କହିଛନ୍ତି, ଆଠମଲ୍ଲିକ ହେଉଛି ଅପାର ସମ୍ଭାବନାର ଅଚଂଳ । ଡବଲ ଇଞ୍ଜିନ ସରକାର ଏଠାକାର ଗରିବ ଓ ମଧ୍ୟବିତ ପରିବାରଙ୍କ ସହାୟତା ପାଇଁ ଆବାସ ଯୋଜନାରେ ଶହ ଶହ ନୂଆ ପକ୍କାଘର ନିର୍ମାଣର ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ଜିଲ୍ଲାପାଳଙ୍କୁ ଏକ ଆଧୁନିକ ହାଉସିଂ ପ୍ରୋଜେକ୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହାଦ୍ୱାରା ଅଚଂଳର ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ଉପକୃତ ହୋଇପାରିବେ । ସେହିପରି ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ନୂଆ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରି ଆମ ସରକାର 'ଅନ୍ତ୍ୟୋଦୟ' ଲକ୍ଷ୍ୟ ପୂରଣ ଦିଗରେ ନିରନ୍ତର କାର୍ଯ୍ୟ କରୁଛନ୍ତି । ଆଠମଲ୍ଲିକ ଏକ କୃଷି ପ୍ରଧାନ ଅଚଂଳ ହୋଇଥିବାରୁ ଏଠାରେ ଚିନାବାଦାମ, ଡାଲିଜାତୀୟ ଶସ୍ୟ, ପନିପରିବା ସହିତ ଆମ୍ବ, ପଣସ, ଲିଚୁ ଓ ଲେମ୍ବୁ ଭଳି ଫଳ ବହୁପରିମାଣରେ ଉତ୍ପାଦିତ ହେଉଛି । ଏହି କୃଷିଜାତ ଦ୍ରବ୍ୟଗୁଡ଼ିକର ସଠିକ୍ ବିକ୍ରୟ ପାଇଁ ଏକ ବ୍ୟବସାୟିକ ଭିତିଭୂମି ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ଏବଂ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ସାତକୋଶିଆର ବିକାଶ ପାଇଁ ଭାରତ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି । ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଅଚଂଳରେ ରହୁଥିବା ଲୋକମାନଙ୍କର ସମସ୍ୟା ଓ ସେମାନଙ୍କ ମନରେ ଥିବା ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ଆସନ୍ତା ଏପ୍ରିଲ ମାସରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ, ଯେଉଁଠାରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଶୁଣାଯିବା ସହ ସମାଧାନର ବାଟ ବାହାର କରାଯାଇ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ । ଏହି ଅଚଂଳରେ କେନ୍ଦ୍ରୀୟ ବିଦ୍ୟାଳୟ ସୁବିଧା ସହ କଳା ଓ ସଂସ୍କୃତିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି । ଏହା ବ୍ୟତୀତ ମହିଳାମାନଙ୍କ ଆର୍ଥିକ ବିକାଶ ପାଇଁ 'ସୁଭଦ୍ରା' ଯୋଜନା ମାଧ୍ୟମରେ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ପାଇଁ ଉପଯୁକ୍ତ ବଜାର ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି ।

ଇରାନ ବିରୋଧରେ ମଧ୍ୟପ୍ରାଚ୍ୟର ପ୍ରମୁଖ ଦେଶ ସହିତ ମେଟଂ କରିବ: ନେତାନ୍ୟାହୁ

ତେଲ ଅଭିଭ୍, ୧/୪: ମଧ୍ୟପ୍ରାଚ୍ୟରେ ଇରାନ ସହିତ ଲଢ଼ିବାକୁ ଇସ୍ରାଏଲ ନୂଆ ମେଟଂ ଗଢ଼ିବାକୁ ଯାଉଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଙ୍ଗଳବାର କହିଛନ୍ତି, ଇରାନର ସାମରିକ ଏବଂ ପରମାଣୁ ମହତ୍ୱାକାଂକ୍ଷା ପାଇଁ ବିପଦ ମନେକରୁଥିବା କରିବାକୁ ସମାନ ଚିନ୍ତାଧାରା ଥିବା ଅନ୍ୟ ଆରବ ଦେଶମାନଙ୍କ ସହିତ ଇସ୍ରାଏଲର ସମ୍ପର୍କ ଗଭୀର ହେଉଛି। ପଶ୍ଚିମ ଏସିଆର ଏହି ଗୁରୁତ୍ୱପୂର୍ଣ୍ଣ ଦେଶଗୁଡ଼ିକ ସହିତ ଇସ୍ରାଏଲ ନୂଆ ଭାବେ ମେଟଂ କରିବାକୁ ବୋଲି ନେତାନ୍ୟାହୁ ସଙ୍କେତ ଦେଇଛନ୍ତି। ମେଟଂ କରିବାକୁ ଯାଉଥିବା ସମ୍ପୃକ୍ତ ଦେଶଗୁଡ଼ିକର ନାମ ସେ କହିନଥିବାବେଳେ ଖୁବ୍‌ଶୀଘ୍ର ମେଟଂ ସମ୍ପର୍କରେ ଅଧିକ ତଥ୍ୟ ରଖିବେ ବୋଲି କହିଛନ୍ତି। ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ଏହାର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କ୍ଷମତା ସମ୍ପର୍କରେ ଉଲ୍ଲେଖ କରି ନେତାନ୍ୟାହୁ କହିଛନ୍ତି, ଆମେ ଜୋରଦାର ଆକ୍ରମଣ କରି ଦୁଇଟି ବିପଦକୁ ଦୂର କରିଦେଇଛୁ। ଇସ୍ରାଏଲୀ ନେତା ଦାବି କରିଛନ୍ତି ଯେ ସାମ୍ପ୍ରତିକ କାର୍ଯ୍ୟାନୁଷ୍ଠାନ ଇରାନର ଅସ୍ତ୍ରଶସ୍ତ୍ର ବିକାଶ କ୍ଷମତାକୁ ଯଥେଷ୍ଟ ଦୁର୍ବଳ କରିଦେଇଛି। ଆମେରିକା - ଇସ୍ରାଏଲ ଆକ୍ରମଣ ଦ୍ୱାରା ଇରାନରେ ଭୟଙ୍କର ଓ ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରିବାର ଶିଳ୍ପକୁ ଦୁର୍ବଳ ହୋଇଛି ଓ ଏହାଦ୍ୱାରା ଇରାନର ବ୍ୟାପକ ଆଚଂଳିକ ପ୍ରଭାବ ହ୍ରାସ କରାଯାଇପାରିଛି। ଇରାନ ସମର୍ଥିତ ହେଜବୁଲ୍ଲା ଆଉ ଇସ୍ରାଏଲ ପାଇଁ ବିପଦ ହୋଇ ରହିନାହିଁ। ଏହାଦ୍ୱାରା ଆଗକୁ ଇରାନରେ ବ୍ୟାପକ ପରିବର୍ତ୍ତନ ଘଟିବ ଓ ଆଜି ନହେଲେ କାଲି ଇରାନରେ ଶାସନର ପତନ ହେବ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ କହିଛନ୍ତି।

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122

କେନ୍ଦୁଝରରେ ସେନାର ମାନବୀୟ ସେବା :
ପୂର୍ବତନ ସୈନିକଙ୍କ ପାଇଁ ଦୁଆର ମୁହଁରେ ମେଡିକାଲ୍ କ୍ୟାମ୍ପ

କେନ୍ଦୁଝର,୧/୪(ନି/ପ୍ର): ଭାରତୀୟ ସେନା ପକ୍ଷରୁ କେନ୍ଦୁଝର ଜିଲ୍ଲାରେ ପୂର୍ବତନ ସୈନିକ, ବୀର ନାରୀ, ବୀର ମାତା ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ କଲ୍ୟାଣ ନିମନ୍ତେ ଏକ ସ୍ୱତନ୍ତ୍ର 'ମଡେଲ୍ ସମନ୍ୱିତ ଚିକିତ୍ସା ଶିବିର' ଆୟୋଜିତ ହୋଇଯାଇଛି । ଛତିଶଗଡ଼ ଏବଂ ଓଡ଼ିଶା ସବ୍ ଏରିଆ ର କମାଣ୍ଡର ବ୍ରିଗେଡିୟର୍ ଟି.ଏସ୍. ବାଓ୍ୱା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦୁଇ ଦିନିଆ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି । ବାଲେଶ୍ୱର (ଚାନ୍ଦିପୁର) ଷ୍ଟେସନ ମୁଖ୍ୟାଳୟ, କେନ୍ଦୁଝର ଜିଲ୍ଲା ପ୍ରଶାସନ ଏବଂ କେନ୍ଦୁଝର ଜିଲ୍ଲା ପୂର୍ବତନ ସୈନିକ ସଂଘର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଏହି ଶିବିରରେ ପୂର୍ବତନ ସୈନିକମାନଙ୍କ ପାଇଁ ଏକାଧିକ ସେବା ପ୍ରଦାନ କରାଯାଉଛି। ଭୁବନେଶ୍ୱରସ୍ଥିତ ହାଇ-ଟେକ୍ ମେଡିକାଲ କଲେଜର ବିଶେଷଜ୍ଞଙ୍କ ଦ୍ୱାରା ଚକ୍ଷୁ, ଦନ୍ତ, ଅସ୍ଥିଶଲ୍ୟ ଏବଂ ସାଧାରଣ ଚିକିତ୍ସା ସେବା ପ୍ରଦାନ କରାଯାଉଛି। 'ସ୍ୱର୍ଶ' ମାଧ୍ୟମରେ ପେନସନ ସମ୍ବନ୍ଧୀୟ ଅଭିଯୋଗର ତୁରନ୍ତ ସମାଧାନ କରାଯାଉଛି। ଇସିଏଚଏ ପଞ୍ଜୀକରଣ, ସିଏସଡି ସୁବିଧା ଏବଂ ଆଇନଗତ ସହାୟତା ପାଇଁ ସ୍ୱତନ୍ତ୍ର କାଉଣ୍ଟର କରାଯାଇଛି । ଏହି ଶିବିରରେ ପ୍ରଥମ ଥର ପାଇଁ ଦିବ୍ୟାଙ୍ଗମାନଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା ଗୋଟିଏ ସ୍ଥାନରେ କରାଯାଇଛି। ଏଠାରେ ମାନସିକ ଓ ସ୍ନାୟୁଗତ ରୋଗର ପରୀକ୍ଷା ସହ ଘଟଣାସ୍ଥଳରେ ହିଁ ୟୁଡିଆଇଡି କାର୍ଡ ପ୍ରଦାନ କରାଯାଉଛି । ଏହା ସହିତ ବୟସ୍କ ନାଗରିକଙ୍କ ପାଇଁ ଆୟୁଷ୍ମାନ ବୟା ବନ୍ଦନା ଯୋଜନାର ସୁବିଧା ମଧ୍ୟ ଉପଲବ୍ଧ କରାଯାଉଛି। ଏହି ଶିବିର ଦ୍ୱାରା ପ୍ରାୟ ୩,୦୦୦ ରୁ ୫,୦୦୦ ପୂର୍ବତନ ସୈନିକ ଓ ସେମାନଙ୍କ ପରିବାର ଉପକୃତ ହେବେ ବୋଲି ଆଶା କରାଯାଉଛି । ବ୍ରିଗେଡିୟର୍ ବାଓ୍ୱା ନିଜ ଅଭିଭାଷଣରେ କହିଛନ୍ତି ଯେ, ଦୂରଦୂରାନ୍ତ ଅଂଚଳରେ ରହୁଥିବା ଆମର ପୂର୍ବତନ ସୈନିକ ଏବଂ ସେମାନଙ୍କ ପରିବାରକୁ ମର୍ଯ୍ୟାଦାଜନକ ସେବା ଓ ଉପଯୁକ୍ତ ସମୟରେ ସହାୟତା ଯୋଗାଇଦେବା ଆମର ମୁଖ୍ୟ ଲକ୍ଷ୍ୟ' । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ଦ୍ୱାରା ସେନା ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ସମ୍ପର୍କ ଆହୁରି ମଜଭୁତ ହେବ । ଏହି କାର୍ଯ୍ୟକ୍ରମରେ ୧୪ (ଓ) ଏନସିସି ବାଟାଲିୟନର କ୍ୟାଡେଟମାନେ ସ୍ୱେଚ୍ଛାସେବୀ ଭାବେ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରୁଛନ୍ତି । ଏହି ଚିକିତ୍ସା ଶିବିର ଆସନ୍ତାକାଲି ଅର୍ଥାତ୍ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଜାରି ରହିବ ଏହି ପରିପ୍ରେକ୍ଷୀରେ, ସମସ୍ତ ପୂର୍ବତନ ସୈନିକ ଓ ସେମାନଙ୍କ ପରିବାରବର୍ଗଙ୍କୁ ଶିବିରରେ ଉପସ୍ଥିତ ରହି ଏହାର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି।

ଚମ୍ପୁଆ ପୁଲିସ ଉପଖଣ୍ଡ ପକ୍ଷରୁ ମେଗା ରକ୍ତ ଦାନ ଶିବିର

ଚମ୍ପୁଆ,୧/୪(ନି/ପ୍ର): ଚମ୍ପୁଆ ପୁଲିସ ଉପଖଣ୍ଡ ପକ୍ଷରୁ ଚମ୍ପୁଆ ଥାନା ପରିସରରେ ଏକ ମେଗା ସ୍ୱେଚ୍ଛା କୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଚମ୍ପୁଆ ଥାନା ଅଧିକାରୀ ସ୍ୱରୁପ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଉପଜିଲାପାଳ ଉମାକାନ୍ତ ପରିଡା, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ନେହାଶିସ ସାହୁ, ଡିଆଇଭି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜେ ଭୋକ୍ତା, ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ, ଏସଡିପିଓ ରଶ୍ମିରଂଜନ ସାହୁ, ବଡବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ଏସଡିପିଓ ଜୟଦିପ ମହାନ୍ତି, ବଡବିଲ ତହସିଲଦାର ଆର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ପୋଲିସ ପ୍ରଶାସନ ସହିତ ସ୍ଥାନୀୟ ସ୍ୱେଚ୍ଛାସେବୀ, ବିଭିନ୍ନ ସଂଗଠନର ସଦସ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗ ଦେଇ ରକ୍ତଦାନ କରିଥିଲେ । ସକାଳ ୧୦ ଘଟିକାରେ ମୁଖ୍ୟ ଅତିଥି ଉପଜିଲ୍ଲାପାଳ ଶ୍ରୀ ପରିଡା ଅନୁଷ୍ଠାନିକ ଭାବେ ଶିବିରକୁ ଉଦଘାଟନ କରିବାପରେ ପ୍ରଥମେ ଚମ୍ପୁଆ ଏସଡିପିଓ ରଶ୍ମିରଂଜନ ସାହୁ ଓ ସାମ୍ବାଦିକ ସଂଜୀବ କୁମାର ରାଜ ରକ୍ତଦାନ କରିବା ପରେ ରକ୍ତଦାନ କାର୍ଯ୍ୟ ଚାଲୁ ରହିଥିଲା । ଏଥିରେ ମୋଟ ୮୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଚମ୍ପୁଆ ରକ୍ତକେନ୍ଦ୍ର ଅଧିକାରୀ ଜ୍ୟୋତିରଂଜନ ମଲ୍ଲିକ ଓ କର୍ମଚାରୀ ରକ୍ତିମା ପ୍ରଧାନ, ଭଗବତୀ ନାଏକ, ତ୍ରିବେଣୀ ନାଏକ, ଓମକାର ପ୍ରମୁଖ ରକ୍ତଦାନରେ ସହାୟତା କରିଥିଲେ । ସ୍ଥାନୀୟ ଅଂଚଳରେ ରକ୍ତହିନତା ରୋଗୀ, ଗର୍ଭବତୀ ମାଆ, ଥାଲାସିମିଆଁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା କାରଣରୁ ଏମାନଙ୍କ ରକ୍ତର ଚାହିଦା ମେଟାଂଇବା ତଥା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ରକ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ଏହି ଶିବିର ଆୟୋଜନ କରାଯାଇଥିବା ଏସ୍ଡିପିଓ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

ବ୍ରହ୍ମଣ କୁଣ୍ଡରେ ବସ୍ତ୍ର ବଂଟନ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୧/୪(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସାରା ଓଡିଶାରେ ଏହି ଅଭାବି ଲୋକମାନଙ୍କ ପାଖରେ ପହଂଚି ବସ୍ତ୍ର ବଟଂନ କାର୍ଯ୍ୟକ୍ରମ କରିଥାଏ । ଏ ବର୍ଷ ବାରିପଦା ଜିଲ୍ଲାର ବାଙ୍ଗିରିପୋଷି ବ୍ଲକ ଚାକିଡ଼ି ଗ୍ରାମପଂଚାୟତ ର ପର୍ଯ୍ୟଟନ ସ୍ଥାନ ବ୍ରାହ୍ମଣକୁଣ୍ଡ ନିକଟରେ ବସ୍ତ୍ର ବଂଟନ କାର୍ଯ୍ୟକ୍ରମ ହୋଇଥିଲା । ଖବର ପାଇବା ମାତ୍ରେ ଗ୍ରାମର ବହୁ ବୃଦ୍ଧ ଓ ବୃଦ୍ଧା, ଛୋଟ ପିଲା ଏବଂ ସ୍ତ୍ରୀ ଲୋକମାନଙ୍କର ଭିଡ଼ ଲାଗିଥିଲା। ସମସ୍ତେ ଅତି ଆନନ୍ଦ ରେ ବସ୍ତ୍ର ନେଇ ନିଜର ଆବଶ୍ୟକତା ପୂରଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି, ଟ୍ରଷ୍ଟ ର ଜୋତିଷ ଗୌରାଙ୍ଗ ନାୟକ, ଟ୍ରଷ୍ଟ ର ବାରିପଦା ପ୍ରତିନିଧି ରାକେଶ ବଳ, ତପନ କୁମାର ନାଥ, ଦେବେନ୍ଦ୍ର ନାୟକ ଓ ହୃଷିକେଶ ମହାନ୍ତି ସାମିଲ ଥିଲେ ।

ଜିଲ୍ଲାରେ ଫିଜିଓଥେରାପି ସେବାକୁ ବିକଶିତ କରିବାକୁ ଡିଏମଏଫ୍ ସିଇଓଙ୍କ ସମୀକ୍ଷା

କେନ୍ଦୁଝର,୧/୪(ନି/ପ୍ର): ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ୍), ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ରାଙ୍କି ସ୍ଥିତ ଆଡ଼ଭାନ୍ସଡ୍ ରିହାବିଲିଟେସନ୍ ସେଣ୍ଟର ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଆଧୁନିକ ଫିଜିଓଥେରାପି ଉପକରଣଗୁଡିକର ବ୍ୟବହାର ଆକଳନ କରିବା, କାର୍ଯ୍ୟକାରିତା ସମୀକ୍ଷା କରିବା ଏବଂ କେନ୍ଦୁଝର ଜନସାଧାରଣଙ୍କ ପାଇଁ ପୁନର୍ବାସ ଆଧାରିତ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ କରିବା ପାଇଁ କାର୍ଯ୍ୟକାରୀ ପଦକ୍ଷେପ ଚିହ୍ନଟ କରିବା ପରିଦର୍ଶନର ଉଦ୍ଦେଶ୍ୟ ଥିଲା। ଭ୍ରମଣ ସମୟରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଙ୍କି ସ୍ଥିତ ଏଆରସିର କାର୍ଯ୍ୟପ୍ରଣାଳୀର ବିସ୍ତୃତ ସମୀକ୍ଷା କରିଥିଲେ। ଏହି କେନ୍ଦ୍ରରେ ନିମ୍ନ ଅଙ୍ଗ ପୁନର୍ବାସ ପାଇଁ ରୋବୋଟିକ୍ ଇଣ୍ଟରଭେନ୍ସନ୍ ସିଷ୍ଟମ୍ ସହିତ ବିଭିନ୍ନ ଆଧୁନିକ ଫିଜିଓଥେରାପି ଉପକରଣ ଉପଲବ୍ଧ ଅଛି। ସମୀକ୍ଷାର ମୁଖ୍ୟ ଲକ୍ଷ୍ୟ ଥିଲା ଉପକରଣଗୁଡିକର ବ୍ୟବହାର ଅବସ୍ଥା ଆକଳନ କରିବା, ରୋଗୀ ଭର୍ତ୍ତି ଏବଂ ରୋଗୀ ସୁବିଧା ମୂଲ୍ୟାୟନ କରିବା ଏବଂ ଯେଉଁମାନେ ଫିଜିଓଥେରାପି ଓ ପୁନରୁଦ୍ଧାର ସହାୟତା ଆବଶ୍ୟକ କରୁଛନ୍ତି ସେମାନଙ୍କ ପାଇଁ କେନ୍ଦ୍ରଟି ସର୍ବାଧିକ କ୍ଷମତାରେ କାମ କରୁଛି କି ନାହିଁ ତାହା ନିଶ୍ଚିତ କରିବା। ସେ ଚିକିତ୍ସକ, ଫିଜିଓଥେରାପିଷ୍ଟ ଏବଂ ପ୍ରଶାସନିକ କର୍ମଚାରୀଙ୍କ ସହ ଆଲୋଚନା କରି ସମସ୍ୟା ବୁଝିଥିଲେ, ସମ୍ପଦ ବ୍ୟବହାରକୁ ଆକଳନ କରିଥିଲେ ଏବଂ ଜିଲ୍ଲାର ସମସ୍ତ ରୋଗୀଙ୍କ ପାଇଁ ଏଆରସିକୁ ଆହୁରି ସୁଗମ ଏବଂ କାର୍ଯ୍ୟକାରୀ କରିବା ବିଷୟରେ ଆଲୋଚନା କରିଥିଲେ। ୨୦୨୧ ମସିହାରେ ଡିଏମଏଫ୍ କେନ୍ଦୁଝରର ଆର୍ଥିକ ସହାୟତାରେ ସ୍ଥାପିତ ରାଙ୍କିସ୍ଥିତ ଏହି ଆଡ଼ଭାନ୍ସ?ଡ୍ ରିହାବିଲିଟେସନ୍ ସେଣ୍ଟର ଆଧୁନିକ ପ୍ରଯୁକ୍ତି ସହ ସଜ୍ଜିତ, ଯାହାରେ ନିମ୍ନ ଅଙ୍ଗ ପୁନର୍ବାସନ ପାଇଁ ବିଶେଷ ଭାବେ ଡିଜାଇନ୍ ହୋଇଥିବା ରୋବୋଟିକ୍ ଇଣ୍ଟରଭେନ୍ସନ୍ ସିଷ୍ଟମ୍ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଡିଏମଏଫ୍ ପାଣ୍ଠିରୁ ସ୍ଥାପିତ ହୋଇଛି। ଏହି ସମୀକ୍ଷା ମାଧ୍ୟମରେ କେନ୍ଦ୍ରଟିର କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ସହ ୨୦୨୧ ଠାରୁ ଗଢ଼ିଉଠିଥିବା ଭିତ୍ତିକୁ ଆହୁରି ମଜବୁତ କରିବାକୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଉଦ୍ୟମ କରୁଛନ୍ତି।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଗତି ଉତ୍ସବ

କେନ୍ଦୁଝର,୧/୪(ନି/ପ୍ର): ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ବୈତରଣୀ ବିହାର ସ୍ୱାମପାଟଣା ପ୍ରାଙ୍ଗଣରେ ଥିବା ବୌଦ୍ଧିକ ମଣ୍ଡପ ଠାରେ ଶିକ୍ଷାବର୍ଷ ୨୦୨୬ରେ ବାର୍ଷିକ ପରୀକ୍ଷାଫଳ ଓ ପ୍ରଗତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କ ନିକଟରେ ପ୍ରାର୍ଥନା କରାଯାଇ ଧୂପ-ଦୀପ ପ୍ରଜ୍ୱଳିତ କରାଯାଇ ଥିଲା। ଏହାପରେ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଂପାଦକ ଦୟାନିଧି ମହାନ୍ତ ମଂଚ ପରିଚଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନିଖିଳ ଉତ୍କଳପ୍ରଥମିକ ଶିକ୍ଷକ ଫେଡେରେସନ ଜିଲ୍ଲା ସଂପାଦକ କମଳାକାନ୍ତ ପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଜିର କୁନି କୁନି ପିଲାମାନେ ଆଗାମୀ ଦିନର ଭବିଷ୍ୟତ ବୋଲି କହିଥିଲେ। ଆଗାମୀ ଦିନରେ ଜଣେ ଜଣେ ଭଲ ମଣିଷ କିପରି ହୋଇ ପାରିବେ ସେଥିପ୍ରତି ଯତ୍ନବାନ ହେବାସହ ନିଷ୍ଠାର ସହିତ ଅଧ୍ୟୟନ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଗତି ଉତ୍ସବରେ ପ୍ରଦର୍ଶିତ ଫଳାଫଳ ତାଲିକାକୁ ଫିତା କାଟି ଉନ୍ମଚନ କରା ଯାଇଥିଲା। ସଭାରେ ପରିଚାଳନା କମିଟିର ସଭାପତି ବ୍ରଜେନ୍ଦ୍ର କୁମାର ପତି ଓ ଉପସଭାପତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରତିଶ୍ରେଣୀ ରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଫୁଲତୋଡ଼ା ଏବଂ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ବିଦେଶୀ ଓ ମହୁଲି ମଦ ଜବତ : ୨ ବେପାରୀ ଗିରଫ

କୋରେଇ, ୧/୪(ନି/ପ୍ର): ପାଣିକୋଇଲି ଥାନା ପକ୍ଷରୁ ସନ୍ଧ୍ୟା ପେଟ୍ରୋଂଲି ସମୟରେ ବିଦେଶୀ ମଦ ଜବତ କରାଯାଇଛି । ସନ୍ଧ୍ୟା ପେଟ୍ୟୋଲିଂଗ ସମୟରେ ସଠିପୁର ନିକଟରେ ଜଣେ ବ୍ୟକ୍ତିଙ୍କ ଏକ ସ୍କୁଟିରେ(ଓଡି୩୪ୱାଇ ୩୩୭୩) ୨ଟି ପେଟିରେ ବିଦେଶୀ ମଦ ନେଇ ଯାଉଥିବା ବେଳେ ସନ୍ଦେହ ହେବାରୁ ତାକୁ ଯାଂଚ କରାଯାଇଥିଲା । ତା ନିକଟରୁ ୨ପେଟି ବିଦେଶୀ ମଦ ମ୍ୟାକଡଲ ନମ୍ବର ୱାନ ୪୨ ବୋତଲ (୧୮୦ଲେଖାଏ) ବିଦେଶ 1 ମଦ ୭.୫୬୦ ଲିଟର ଜବତ କରାଯାଇଥିଲା । ଏହି ଘଟଣାରେ ଏକ ମାମଲା ୧୦୪/୨୬ ରୁଜୁ କରାଯାଇ ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁର ଗ୍ରାମର ରବିନ୍ଦ୍ର ମହାନ୍ତି(୫୨)କୁ ଗିରଫ କରାଯାଇଛି । ଆଜି ତାକୁ ୫୨(ଏ) ଓଡିଶା ଏକ୍ସାଇଜ ଆକ୍ଟରେ ଅଦାଲତ ଚାଲାଣ କରାଯାଇଛି । ସେହିପରି ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଜହ୍ନାକଣା ଠାରେ ଚଢାଉ କରାଯାଇ ଜହ୍ନାକଣା ଗ୍ରାମର ମହେଶ୍ୱର ମଲିକ(୪୦)ଙ୍କ ଠାରୁ ୧୧.୭୫ ମହୁଲି ମଦ ଜବତ କରାଯାଇଛି।

ନବରଙ୍ଗପୁର ଜିଲ୍ଲା ସଙ୍କଟକାଳୀନ ପରିଚାଳନା କମିଟିର ବୈଠକ

ନବରଙ୍ଗପୁର,୧/୪(ନି/ପ୍ର): ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଙ୍କ ଅଧ୍ୟକ୍ଷତା ରେ ଜିଲ୍ଲା ସଙ୍କଟ କାଳୀନ ପରିଚାଳନା କମିଟି ର ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ଉପସ୍ଥିତ ଥିଲେ ।ଜିଲ୍ଲାରେ ଏଲ ପି ଜି ଗ୍ୟାସ, ପେଟ୍ରୋଲ, ଡିଜେଲ ଭଳି ଅତିଆବଶ୍ୟକ ସାମଗ୍ରୀର ଉପଲବ୍ଧ ସମ୍ପର୍କରେ ନିୟମିତ ଅନୁଧ୍ୟାନ ଉପରେ ଗୃହରେ ଆଲୋଚନା ହୋଇଥିଲା ।ଜିଲ୍ଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି ଜିଲ୍ଲାରେ ଏଚ ପି ସି ଏଲ,ଆଇ ଓ ସି ଏଲ ଏବଂ ବି ପି ସି ଏଲ କମ୍ପାନୀ ର ମୋଟ ୨୧ ଟି ରନ୍ଧନ ଗ୍ୟାସ ବିତରକ ଅଛନ୍ତି ।ସୁଚନା ଅନୁସାରେ ଆଜି ସୁଦ୍ଧା ଏଚ ପି ସି ଏଲ ର ୯୪୨ , ଆଇ ଓ ସି ଏଲ ର ୨୧୭୪ ଏବଂ ବି ପି ସି ଏଲ ର ୯୩୫ ଟି ଗ୍ୟାସ ସିଲିଣ୍ଡର୍ ମହଜୁଦ ରହିଛି । ସହରାଂଚଳ ଘରୋଇ ଗ୍ୟାସ ବ୍ୟବହାରକାରୀ ୨୫ ଦିନ ଏବଂ ଗ୍ରାମାଂଚଳ ୪୫ ଦିନ ପରେ ପୁନଃ ଗ୍ୟାସ ପାଇଁ ଆବେଦନ କରିପାରିବେ ।ବର୍ତ୍ତମାନ ପଞ୍ଜୀକୃତ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାରକାରୀଙ୍କୁ ରନ୍ଧନ ଗ୍ୟାସ ବିତରକ ଙ୍କ ଦ୍ୱାରା ଯୋଗାଇଦିଆଯାଉଛି । ଜିଲ୍ଲାପାଳ ବେଆଇନ ମହଜୁଦ କାରୀ, କଳାବଜାରୀ ଓ ଅତ୍ୟଧିକ ଦର ବୃଦ୍ଧି କରି ସିଲିଣ୍ଡର୍ ବିକ୍ରୟ କରୁଥିବା ଅସାଧୁ ବ୍ୟବସାୟୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସି ଏସ ଓ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ହୋଟେଲ, ଢାବା, କଲ୍ୟାଣମଣ୍ଡପ,ରାସ୍ତାକଡ଼ ଦୋକାନରେ ବାଣିଜ୍ୟକ ଏଲପିଜି ସିଲିଣ୍ଡର ବ୍ୟତିରେକେ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର ହେଉଛି ସଙ୍ଗେ ସଙ୍ଗେ ଜବତ କରି ଉପଭୋକ୍ତା ମାନ୍ୟତା ରୁଦ୍ଧ କରି ତା ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ଯେ ହେତୁ ଗ୍ୟାସ ସିଲିଣ୍ଡର ଯଥେଷ୍ଟ ମହଜୁଦ ରହିଛି ଏବଂ ନିୟମ ଅନୁସାରେ ବିତରଣ କରାଯାଉଛି ଏଣୁ ଜନସାଧାରଣ ବ୍ୟସ୍ତ ନ ହୋଇ , କୌଣସି ଗୁଜବ ରେ ବିଶ୍ୱାସ ନ କରି ପ୍ରଶାସନ ଉପରେ ଭରସା ରଖିବାକୁ ଗୃହରେ ଜିଲ୍ଲାପାଳ କହିଥିଲେ । ଗ୍ୟାସ କଳାବଜାରୀ ଓ ଅସାଧୁ ବ୍ୟବସାୟୀ ଙ୍କ ଉପରେ ଦୃଷ୍ଟି ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନେବାକୁ ଏ ସି ଏସ ଓ,ଏମ ଆଇ ଏବଂ ମାଜିଷ୍ଟ୍ରେଟ ଅଧିକାରୀଙ୍କୁ ନେଇ ସ୍କ୍ୱାଆଡ ଗଠନ କରିବା ପାଇଁ ସି ଏସ ଓ ଙ୍କୁ ଜିଲ୍ଲାପାଳ କହିଥିଲେ । ସେହିଭଳି ଜିଲ୍ଲାରେ ପେଟ୍ରୋଲ,ଡିଜେଲ ପମ୍ପ ନିକଟରେ ଯଥେଷ୍ଟ ପରିମାଣରେ ପେଟ୍ରୋଲ ଓ ଡିଜେଲ ମହଜୁଦ ରହିଛି ବୋଲି ସି ଏସ ଓ ସୁଚନା ଦେଇଥିଲେ । ପଶ୍ଚିମ ଏସିଆ ଯୁଦ୍ଧ ସ୍ଥିତି ମଧ୍ୟରେ ଯେଉଁ ଅସାମାଜିକ ବ୍ୟକ୍ତି ଗୁଜବ ମାଧ୍ୟମ ରେ ଭୟର ବାତାବରଣ ସୃଷ୍ଟି କରୁଛନ୍ତି ,ସେଭଳି ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସ ଅଧିକାରୀ ଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ଏଥିପାଇଁ ସାମାଜିକ ଗଣମାଧ୍ୟମ ଉପରେ ବିଶେଷ ନଜର ରଖିବାକୁ ଡି ଆଇ ପି ଆର୍ ଓଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଶିକ୍ଷାନୁଷ୍ଠାନ ହଷ୍ଟେଲ,ଡାକ୍ତରଖାନା, ଆହାର କେନ୍ଦ୍ର, ସରକାରଙ୍କ ଦ୍ୱାରା ପରିଚାଳିତ ଅନୁଷ୍ଠାନ ମାନଙ୍କୁ ବାଣିଜ୍ୟିକ ସିଲିଣ୍ଡର୍ ନିୟମ ଅନୁଯାୟୀ ଯୋଗାଇ ଦିଆଯାଉଛି । ଜିଲ୍ଲା ନିୟନ୍ତ୍ରଣ କକ୍ଷ ନମ୍ବର ୦୬୮୫୮୨୯୫୪୨୪ ରେ ଗ୍ୟାସ ଜନିତ କଳାବଜାରୀ ଓ ଅସାଧୁ ବ୍ୟବସାୟୀ ଙ୍କ ଉପରେ ସୁଚନା ଦେଲେ ତତ୍କ୍ଷଣାତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବୈଠକ ରେ ଜିଲ୍ଲା ସ୍ତରୀୟ ସଙ୍କଟ କାଳୀନ ପରିଚାଳନା କମିଟି ଅଧିକାରୀ,ଗ୍ୟାସ ବିତରକ,ହୋଟେଲ ମାଲିକ,ପେଟ୍ରୋଲ ପମ୍ପ ମାଲିକ ଉପସ୍ଥିତ ଥିଲେ ।

ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ ଶିବିର :୧୦୦ଟି ଅଭିଯୋଗ ଆଗତ

ଭଦ୍ରକ,୧/୪(ନି/ପ୍ର): ଏହି ଜିଲାର ଧାମନଗର ପଂଚାୟତ ସମିତି ସେଂଟ୍ରାଲ ସଭା ଗୃହ ପରିସରରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ସୋମବାର ଦିବା ୧୦ଟା ସମୟରେ ଏହି ଶିବିରରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଅଧ୍ୟକ୍ଷତା କରିଥିଲେ । ଉକ୍ତ ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଆପତିଜନକ ଅଭିଯୋଗ ଆଗତ ହୋଇଥିଲା ।ଏଥିରୁ ୭୭ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୧୭ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୬ଟି ଅଭିଯୋଗ ରହିଥିଲା । ଶୁଣାଣୀ ସମୟରେ ୧୬ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା । ରେଡକ୍ରସ ମାଧ୍ୟମରେ ୬ଜଣ ଅଭିଯୋଗକାରୀଙ୍କୁ ମୋଟ ୩୧,୫୦୦/- ଟଙ୍କା ମଞ୍ଜୁର କରାଯାଇଛି ।ବିଶେଷ କରି ପାଣି ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ,ଧାନବିକ୍ରି ସମସ୍ୟା ,ବିଦ୍ୟୁତ ସମସ୍ୟା ,ରାସନ ,ଏନଆରଜିଏସ ,ଜମିଜମା ,ମେଡ଼ିକାଲ୍ ସମସ୍ୟା ,ସରକାରୀ ଜମି ଜବରଦେଖଲ ଉଛେଦ,ଭଳି ଅଭିଯୋଗ ରହିଥିଲା । ଏହି ଜନଶୁଣାଣୀ ଶିବିରରେ ଭଦ୍ରକ ଏସ.ପି ମନୋଜ କୁମାର ରାଉତ,ଜିଲ୍ଲା ଚିକିତ୍ସାଧିକାରୀ ଡା.ପ୍ରମୋଦ ପ୍ରହରାଜ,ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ,ପିଡି ସଶୁଭେନ୍ଦ୍ର ସାମଲ ,ଏସ ଡି ପି ଓ ଅନିରୁଦ୍ଧ ମୁଦୁଲି ,ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରାସାଦ ସେଠୀ,ବିଡିଓ ବନବିହାରୀ ଦିନ୍ଦା ,କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ସମେତ ଜିଲ୍ଲା ଓ ବ୍ଲକର ବିଭିନ୍ନ ବିଭାଗର ସମସ୍ତ ସରକାରୀ ଅଧିକାରୀ ମାନେ ଉପସ୍ଥିତ ରହି ୧୦୦ରୁ ଉର୍ଦ୍ଧ୍ୱ ଅଭିଯୋଗର ଶୁଣାଣୀ କରିଥିବା ବେଳେ ଅଧିକାଂଶ ଅଭିଯୋଗକୁ ସଙ୍ଗେ ସଙ୍ଗେ ସମାଧାନ କରାଯାଇଥିଲା । ଅବଶିଷ୍ଟ ଅଭିଯୋଗ ପାଇଁ ନିର୍ଦ୍ଦିଷ୍ଟ ବିଭାଗଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ରାଉତରାଏ ନିର୍ଦ୍ଦେଶ ଦେଇଥିଲେ । ପ୍ରକାଶ ଥାଉକି ବୈତରଣୀ ଓ କୋଚିଲା ନଦୀରେ ଘେରି ବନ୍ଦ ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରି ପାଇଁ ପ୍ରଦୀପ ମଲ୍ଲିକ,ସ୍ଥାନୀୟ ସରପଂଚ,କମନ୍ୟୁଷ୍ଟି ନେତା ଚନ୍ଦ୍ରଶେଖର ନାୟକ ଓ ଅନ୍ୟ ମାନେ ଜିଲ୍ଲାପାଳଙ୍କୁ ଲିଖିତ ଜଣାଇଛନ୍ତି ।ସେହିପରି ଏନ ଏ ସି ଉପାଧ୍ୟକ୍ଷ ଓସିମ ଏଜଦାନି କାଦୀରି ଉକ୍ତ ଅଂଚଳର ମଞ୍ଜୁର ହୋଇଥିବା ବିଭିନ୍ନ ପ୍ରକଳ୍ପକୁ ଟେଣ୍ଡର କରି କାର୍ଯ୍ୟ ଆରମ୍ଭ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଥିବା ବେଳେ ବରିଷ୍ଠ ଚାଷୀ ମାନସ ମହାପାତ୍ରଙ୍କ ନେତୃତ୍ୱରେ ଚାଷୀମାନେ ଦକ୍ଷିଣବାଡ଼,ହାଜିପୁର,କୃଷ୍ଣ ଦାସପୁର, ରାଧାବଲ୍ଲଭପୁର ଆଦି ମୌଜାର ଚାଷୀମାନେ ଯ'ନଦୀ ପ୍ରବାହିତ ହେଉଛି ।ଆମ୍ଭମାନଙ୍କର ଜମିରେ ପାଣି ଜମି ରହିବା ଫଳରେ ଚାଷ ହୋଇପାରୁନାହିଁ ।ତେଣୁ ଜମି ରହୁଥିବା ପାଣିକୁ ନିଷ୍କାସନ କରିବା ପାଇଁ ସ୍ଥାନୀୟ ଚାଷୀମାନେ ଜିଲ୍ଲାପାଳଙ୍କୁ ଅନୁରୋଧ ସହିତ ଦାବି କରିଛନ୍ତି । ଦାବିପତ୍ର ଗ୍ରହଣ କରି ଏହାର ସମାଧାନ କରିବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଶ୍ରୀ ରାଉତରାଏ ନିର୍ଦ୍ଦେଶ ଦେଇଥିଲେ ।

ମରାମତି ଅଭାବରୁ ପ୍ଲାଂଟ ରାସ୍ତା ବିପଦ ଜନକ ଅବସ୍ଥା

କେନ୍ଦୁଝର,୧/୪(ନି/ପ୍ର): ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଉପରରାଇଗୋଡ଼ା ପଂଚାୟତ ଅଧିନରେ ଥିବା ଅଁରା ଶ୍ରୀ ମେଟାଲିକ୍ ପ୍ଲାଂଟ ରାସ୍ତା ମରାମତି ହେଉ ନ ଥିବାରୁ ରାସ୍ତାଟିର ଅବସ୍ଥା ଦିନ କୁ ଦିନ ଶୋଚନୀୟ ହୋଇ ବିପଦ ଜନକ ଅବସ୍ଥା ରେ ପହଁଚି ଥିବାର ଜଣାପଡିଛି । ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ଉକ୍ତ ଅଁରା ଶ୍ରୀ ମେଟାଲିକ ପ୍ଲାଂଟ ରାସ୍ତାଟି ରାଇସୁଆଁ ଅଂଚଳ କୁ ସଂଯୋଗ କରୁଥିବା ବେଳେ ଏହି ରାସ୍ତା ରେ ଦୈନିକ ହାଇୱା, ଲାଇନ ଟ୍ରକ ସମେତ ଅନ୍ୟାନ୍ୟ ଛୋଟ ବଡ ଯାନ ଚଳା ଚଳ କରୁଥିଲେହେଁ ରାସ୍ତା ଟିର ମରାମତି କରାଯାଉ ନଥିବାରୁ ଉକ୍ତ ରାସ୍ତାଟି ଦିନକୁ ଦିନ କଦର୍ଯ୍ୟମୟ ହୋଇପଡିଛି. ଏବଂ ଉପର ଭାଗରେ ଏକ ପୋଲ ନିର୍ମାଣ କରାଯାଉ ଥିବା ଦୃଷ୍ଟିରୁ ଏହି ରାସ୍ତା ଟିର ନିର୍ମାଣ ନିତ୍ୟାନ୍ତ ଜରୁରୀ ହୋଇଥିଲେ ହେଁ ରାସ୍ତା ନିର୍ମାଣ ପ୍ରତି ଦୃଷ୍ଟି ଦିଆ ଯାଉ ନଥିବାରୁ ଉକ୍ତ ଅଂଚଳ ସମେତ ଆଖ ପାଖ ଅଂଚଳର ଲୋକମାନେ ବହୁ ଅସୁବିଧା ର ସମ୍ମୁଖୀନ ହେଉଥିବାର ସ୍ଥାନୀୟ ଅଂଚଳ ଯୁବକ ପଙ୍କଜ ବାରିକ ଅଭିଯୋଗ କରିଥିବାର ଜଣା ପଡିଛି. ତେଣୁ ଉକ୍ତ ରାସ୍ତାଟି ର ନିର୍ମାଣ ପ୍ରତି ସରକାର ଦୃଷ୍ଟି ଦେବାକୁ ଦୃଢ ଦାବି ହୋଇଛି ।

ବିବିଧା

ଆଜିର ଦିନରେ

- ୧୨୮୩- ଇଟାଲୀରେ ଭୂମିକମ୍ପ ଯୋଗୁ ୩୦,୦୦୦ ଲୋକଙ୍କ ପ୍ରାଣହାନି ।
- ୧୯୦୦ – ଆମେରିକା ଓ ବ୍ରିଟେନ ମଧ୍ୟରେ ପାନାମା କେନାଲ ଚୁକ୍ତି ସ୍ୱାକ୍ଷର ।
- ୧୯୩୬ – ପ୍ରଥମ ଥର ଚାର୍ଲି ଚାପ୍ଲିନଙ୍କ ଅଭିନୀତ ଚଳଚ୍ଚିତ୍ର (ସବାକ୍ ଚଳଚ୍ଚିତ୍ର) ମୁକ୍ତିଲାଭ କରିଥିଲା ।
- ୧୯୭୧- ଆପୋଲୋ ୧୪ ଚନ୍ଦ୍ରପୃଷ୍ଠରେ ଅବତରଣ କଲା ।
- ୧୯୯୬- ଇଂଲଣ୍ଡରେ ପ୍ରଥମ ଥର ଜିନ୍ଏମ୍ ଟମାଟରରେ ତିଆରି ପ୍ୟୁରି ବିକ୍ରି ଆରମ୍ଭ ହେଲା ।
- ୨୦୦୭- ସୁନୀତା ୱିଲିୟମ୍ସ ମହାକାଶରେ ଅଧିକ ସମୟ ବିତାଇଥିବା ମହିଳା ହେଲେ ।

ସତ ହେଲା ଖବରକାଗଜ ଭବିଷ୍ୟବାଣୀ!

You'll Be Able To Carry Phone In Pocket In Future

ଲୋକମାନେ ନିଜର ଭବିଷ୍ୟତ ବିଷୟରେ ଜାଣିବାକୁ ଅନେକ ସମୟରେ ଜ୍ୟୋତିଷବିତ୍‌ଙ୍କ ପରାମର୍ଶ ନେଇଥାନ୍ତି । ସେମାନଙ୍କର କିଛି ଭବିଷ୍ୟବାଣୀ ମଧ୍ୟ ସତ ହୋଇଥାଏ । ଏହି କ୍ରମରେ ୬୩ ବର୍ଷ ତଳର ଏକ ପୁରୁଣା ଖବରକାଗଜର ଭବିଷ୍ୟବାଣୀ ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ସାଜିଛି । ୧୮ ଏପ୍ରିଲ, ୧୯୬୩ ମସିହାରେ ମାନ୍ସଫିଲ୍ଡ ନ୍ୟୁଜ୍ ଜର୍ଣ୍ଣାଲରେ ଏକ ଖବର ପ୍ରକାଶ ପାଇଥିଲା । ଭବିଷ୍ୟତରେ ଲୋକେ ଫୋନ୍‌କୁ ପକେଟ୍‌ରେ ରଖି ବୁଲି ପାରିବେ ବୋଲି ସେତେବେଳେ ଖବର ପ୍ରକାଶିତ ହୋଇଥିଲା । ଏଥିସହ ଜଣେ ମହିଳା ମୋବାଇଲ ଫୋନ୍ ପରି ଏକ ଛୋଟ ଡିଭାଇସ୍ ଧରିଥିବାର ଫଟୋ ସେୟାର କରାଯାଇଥିଲା । ଉକ୍ତ ରିପୋର୍ଟରେ ଏହା ବି କୁହାଯାଇଥିଲା ଯେ, ଏହି ଫୋନ୍ ଲ୍ୟାବ୍‌ରେ ବିକଶିତ ହେଉଛି । ଏହାର ବ୍ୟବସାୟୀକରଣ ପାଇଁ ଆହୁରି ବହୁତ ସମୟ ଲାଗିବ । ସେତେବେଳେ ଅଧିକାଂଶଙ୍କ ଘରେ କେବଳ ଲ୍ୟାଣ୍ଡଫୋନ୍ ଥିବାରୁ ଏହି ଖବରକୁ ଲୋକେ ବିଶ୍ୱାସ କରି ପାରି ନ ଥିଲେ । ତେଣୁ ଅନେକ ଏହି ଖବରକୁ ମଜାକ୍ ଭାବିନେଲେ । ଆଜି କିନ୍ତୁ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖେ ସ୍ମାର୍ଟଫୋନ୍ । ଯେଉଁଥିରେ କଲ୍, ମେସେଜ୍, ଇଣ୍ଟରନେଟ୍, କ୍ୟାମେରା ସବୁକିଛି ରହିଛି । ସମସ୍ତେ ପକେଟ୍‌ରେ ମୋବାଇଲ ନେଇ ବୁଲୁଛନ୍ତି । ତେବେ ଏହି ପେପର୍ କ୍ଲିପ୍ ଭାଇରାଲ ହେବା ପରେ ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି । କେହି କେହି ଏହାକୁ ସଠିକ୍ ଭବିଷ୍ୟବାଣୀ କହୁଥିବାବେଳେ କେହିକେହି ଏହା ଏଆଇ ଦ୍ୱାରା ପ୍ରସ୍ତୁତ କରାଯାଇଥିବା କହୁଛନ୍ତି ।

କଳାଅଣ୍ଡା ଖାଇଲେ ବଢ଼େ ଆୟୁଷ !

ଜାପାନରେ ଏପରି ଏକ ସ୍ଥାନ ରହିଛି, ଯେଉଁଠି ଲୋକେ କଳା ଅଣ୍ଡା ଖାଇବାକୁ ଲମ୍ବା ଲାଇନ୍ ଲଗାଇଥାନ୍ତି । ଏହି ଅଣ୍ଡା ଖାଇଥିବା ବ୍ୟକ୍ତିର ଆୟୁ ୭ ବର୍ଷ ବଢ଼ିଯାଏ ବୋଲି ସ୍ଥାନୀୟ ଲୋକଙ୍କ ପାଖରେ କୁହାଯାଉଛି । ଜାପାନର ଓବାକୁଦାନି ଘାଟିରେ ଏହା ମିଳିଥାଏ । ଓବାକୁଦାନି ଘାଟି ଆଗ୍ନେୟଗିରି ଅଞ୍ଚଳରେ ଅବସ୍ଥିତ । ୩୦୦୦ ବର୍ଷ ପୂର୍ବେ ଏକ ଆଗ୍ନେୟଗିରି ବିସ୍ଫୋରଣରୁ ଏହି ଘାଟିର ସୃଷ୍ଟି ହୋଇଥିଲା । ଘାଟିକୁ ଆସୁଥିବା ଲୋକେ ଏକ ଭିନ୍ନ ଦୁନିଆର ଅନୁଭୂତି ସାଉଁଟିଥାନ୍ତି । ଘାଟିରେ ଭୂପୃଷ୍ଠରୁ ଅବିରତ ଗରମ ବାଷ୍ପ ବାହାରିବା ସହ ଏଠାକାର ପବନରେ ଗନ୍ଧକ ବା ସଲଫରର ଗନ୍ଧ ଆସିଥାଏ । ଏହାର ଆଖପାଖରେ ଥିବା ଝରଣାଗୁଡ଼ିକରୁ ଉଷ୍ଣଜଳ ବାହାରୁଥାଏ । ତେବେ ଏଠାରେ ଲୋକେ ଦୀର୍ଘାୟୁ ହେବା ପାଇଁ ଯେଉଁ ଅଣ୍ଡା ଖାଆନ୍ତି ସ୍ଥାନୀୟ ଭାଷାରେ ତାହାକୁ 'କୁରୋ ତମାଗୋ' କୁହାଯାଏ । ଏହି ଅଣ୍ଡା କୌଣସି ବିଶେଷ ପ୍ରଜାତିର କୁକୁଡ଼ାଠାରୁ ମିଳି ନ ଥାଏ । ଏହା ସାଧାରଣ କୁକୁଡ଼ାର ଅଣ୍ଡା ହୋଇଥାଏ । ଏହାକୁ ଘାଟିରେ ପ୍ରାକୃତିକ ଭାବେ ବାହାରୁ ଥିବା ଗରମ ଜଳରେ ସିଝା ଯାଇଥାଏ । ଏହି ପାଣିରେ ସଲଫର୍ ଓ ଆଇରନ୍ ପର୍ଯ୍ୟାପ୍ତ ମାତ୍ରାରେ ଥିବାରୁ ଏହା ସଂସ୍ପର୍ଶରେ ଆସି ଅଣ୍ଡାର ଚୋପା ପୁରାପୁରି କଳା ହୋଇଯାଇଥାଏ । ଅଣ୍ଡା ଭିତରର ଧଳା ଅଂଶ ଓ କେଶରରେ କିନ୍ତୁ କୌଣସି ପରିବର୍ତ୍ତନ ହୋଇ ନ ଥାଏ । ଜାପାନୀ ଲୋକକଥା ଅନୁସାରେ, ଗରମ ଝରଣାର ପାଣି ଶରୀରକୁ ଶୁଦ୍ଧ କରିଥାଏ ଓ ଏହା ଦୀର୍ଘାୟୁ ହେବାର କାରଣ ପାଲଟିଥାଏ । 'କଳା ଅଣ୍ଡା ଖାଅ, ସାତ ବର୍ଷ ଆୟୁଷ ବଢ଼ାଅ' ଧୀରେଧୀରେ ଏଠାକାର ଲୋକଙ୍କର ବିଶ୍ୱାସ ପାଲଟିଗଲା । ତେବେ ଜଣେ ଏକଳି ଦୁଇଟି ଅଣ୍ଡା ଖାଇଲେ ଏହାର ପ୍ରଭାବ କମିଯାଏ ବୋଲି କୁହାଯାଏ । ଏହି ଅଣ୍ଡା ଖାଇଲେ ଯେ, ଜଣେ ଦୀର୍ଘାୟୁ ହେବେ ବୋଲି ସେନେଇ କୌଣସି ଠୋସ୍ ବୈଜ୍ଞାନିକ ପ୍ରମାଣ ନାହିଁ । ତେବେ ଏହି ଅଣ୍ଡାର ସ୍ୱତନ୍ତ୍ରତା କେବଳ ଲୋକକଥା ସହିତ ଜଡ଼ିତ ଅଛି । ଅବଶ୍ୟ ଏହି ଅଣ୍ଡାଗୁଡ଼ିକ ସଂପୂର୍ଣ୍ଣ ଭାବେ ସୁରକ୍ଷିତ । ଏଥିରେ କୌଣସି ବିଷାକ୍ତ ତତ୍ତ୍ୱ ନ ଥାଏ । ବର୍ତ୍ତମାନ ସମୟରେ ଲୋକେ ଏହାକୁ ଦୀର୍ଘାୟୁ ହେବା ଉଦ୍ଦେଶ୍ୟରେ ନୁହେଁ, ବରଂ ଲୋକକଥାକୁ ସମ୍ମାନ ଦେଇ ଖାଉଛନ୍ତି ।

'ଗୋଲମାଲ୍ ୫' ଅଜୟଙ୍କୁ ଟକ୍କର ଦେବେ ଅକ୍ଷୟ

'ଗୋଲମାଲ' ଫ୍ରାଞ୍ଚାଇଜ୍ ବଲିଉଡ୍‌ର ଏକ ସଫଳ ଫ୍ରାଞ୍ଚାଇଜ୍ ଭାବେ ଜଣାଯାଏ । ଏବେ ଏହି ଫ୍ରାଞ୍ଚାଇଜର ପଞ୍ଚମ ଫିଲ୍ମକୁ ଦର୍ଶକେ ଅପେକ୍ଷା କରିଛନ୍ତି । ଇତିମଧ୍ୟରେ 'ଗୋଲମାଲ ୫'କୁ ନେଇ ଏକ ଖବର ଆସିଛି, ଯାହା ଦର୍ଶକଙ୍କୁ ଚକିତ କରିଛି । ଏଥିରେ ଅଭିନେତା ଅକ୍ଷୟ କୁମାର ଖଳନାୟକ ଭାବେ ଦେଖାଯିବେ । ତେବେ ପ୍ରଥମ ଥର ପାଇଁ 'ଗୋଲମାଲ' ସିରିଜ୍‌ରେ ଜଣେ ଏତେ ବଡ଼ କଳାକାର ଖଳନାୟକ ଭାବେ ଦେଖାଯିବେ । ନିର୍ଦ୍ଦେଶକ ରୋହିତ୍ ସେଟ୍ଟୀ ଏଥିରେ କମେଡି ସହ ଫାଣ୍ଟାସିର ଛୁଆଁ ଦେବାକୁ ଚାହୁଁଥିବା ଜଣାପଡ଼ିଛି । ତେବେ ଅକ୍ଷୟଙ୍କୁ ଏହି ସିରିଜ୍‌ରେ ସାମିଲ୍ କରିବା ରୋହିତ୍‌ଙ୍କର ମାଷ୍ଟରଷ୍ଟ୍ରୋକ୍ ହୋଇପାରେ ବୋଲି ଚର୍ଚ୍ଚା ହେଉଛି । ପରଦା ଉପରେ ଅଜୟ ଦେବଗନଙ୍କୁ ଅକ୍ଷୟ ଟକ୍କର ଦେଉଥିବାର ଜାଣି ଦର୍ଶକଙ୍କର ମଧ୍ୟ ଫିଲ୍ମକୁ ନେଇ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଛି । ଏଥିରେ ଅକ୍ଷୟ, ଅଜୟଙ୍କ ସହ ଅରଶଦ ୱାର୍ସି, ତୁଷାର କପୁର, କୁନାଲ ଖେମୁ, ଶ୍ରେୟସ୍ ତଲପଡ଼େ ପ୍ରମୁଖ ଦେଖାଯିବେ । ଏଥର ଶରମନ୍ ଯୋଶୀଙ୍କୁ ମଧ୍ୟ ରୋହିତ୍ ଫିଲ୍ମକୁ ମୋଡାଇ ଆଣିବା ପାଇଁ ଚେଷ୍ଟା ଚଳାଇଥିବା କୁହାଯାଉଛି । ତେବେ କରିନା କପୁର ଏଥିରେ କାମ କରିବେ କି ନାହିଁ ତାହା ଏଯାବତ୍ ସ୍ପଷ୍ଟ ହୋଇନାହିଁ । ଏହା ଆସନ୍ତାବର୍ଷ ରିଲିଜ୍ ହୋଇପାରେ ।



ଗୁପଚୁପ୍ ଜ୍ୟାକେଟ୍



ଆଜିକାଲି ସାମାଜିକ ଗଣମାଧ୍ୟମରେ ବହୁତ କିଛି ଅଜବ ଜିନିଷ ଭାଇରାଲ ହେଉଛି । ଏଥିରେ ବିଚିତ୍ର ଫେଶନ ମଧ୍ୟ ସାମିଲ ଅଛି । ଏହି କ୍ରମରେ ଏବେ ଏକ ଜ୍ୟାକେଟ୍ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଜ୍ୟାକେଟ୍‌ରେ କୌଣସି ସୁନା କିମ୍ବା ହୀରା ଲାଗି ନାହିଁ, ହେଲେ ଏହା ଉପରେ ଥରେ ଦୃଷ୍ଟିପଡ଼ିଲେ ନଜର ହଟିବ ନାହିଁ । ନୀତେଶ ଭଟ୍ ଏକ୍ସପେରିମେଣ୍ଟ ନାମକ ଏକ ପେଜ୍ ଜ୍ୟାକେଟ୍‌ର ଏକ ଭିଡିଓକୁ ଇନଷ୍ଟାଗ୍ରାମ୍‌ରେ ସେୟାର୍ କରିବା ପରେ ଏହା ସମସ୍ତଙ୍କ ନଜରକୁ ଆସିଛି । ଜ୍ୟାକେଟ୍‌ଟି ଦେଖିବାକୁ ସାଧାରଣ ଜ୍ୟାକେଟ୍‌ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଜୟପୁରସ୍ଥିତ ହାୱା ମହଲ ବାହାରେ ଜଣେ ଯୁବକ ଏହି ଜ୍ୟାକେଟ୍‌ଟିକୁ ପିନ୍ଧି ଠିଆ ହୋଇଛନ୍ତି । ତେବେ ଜ୍ୟାକେଟ୍‌ର ଗୋଟିଏ ଭାଗରେ ଗୁପଚୁପ୍ ଥିବା ବେଳେ ଅନ୍ୟ ଏକ ପାର୍ଶ୍ୱରେ ପୁଦିନାଯୁକ୍ତ ଖଟା ପାଣି ଅଛି । ଗୁପଚୁପ୍ ଷ୍ଟଲଟିକୁ ଯୁବକ ଜଣଙ୍କ ଜ୍ୟାକେଟ୍‌ରେ ଧାରଣ କରିଥିବା ଭଳି ଲାଗୁଛି । ଲୋକେ ଏହା ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ବି ଦେଉଛନ୍ତି । ଏପରିକି ଏହାକୁ ଷ୍ଟ୍ରିଟ୍ ଫୁଡ୍ ଏବଂ ଫେଶନର ଅଜବ ମିଶ୍ରଣ ବୋଲି ଲୋକେ ମତ ଦେଉଛନ୍ତି ।

ରବିବାର କାମ କଲେ ଗଣିବେ ଦଣ୍ଡ

ଛୁଟିଦିନମାନେ ସମସ୍ତଙ୍କ ମନରେ ଆସେ ରବିବାର । କାରଣ ବିଶ୍ୱର ଅଧିକାଂଶ ଲୋକଙ୍କ ପାଇଁ ସପ୍ତାହରେ ଗୋଟିଏ ଛୁଟି ଦିନ ଥାଏ ଏବଂ ତାହା ହେଉଛି ରବିବାର । ଜଣେ ବ୍ୟକ୍ତି ପୁରା ସପ୍ତାହ ରବିବାର ପାଇଁ ଅପେକ୍ଷା କରିଥାଏ । ଏହି ଦିନ ଅଫିସ୍‌ଠାରୁ ଆରମ୍ଭ କରି ସ୍କୁଲ ପର୍ଯ୍ୟନ୍ତ ସବୁକିଛି ଛୁଟି ଥାଏ । ବିଶ୍ୱର ଅଧିକାଂଶ ସ୍ଥାନରେ ରବିବାରକୁ ସପ୍ତାହନ୍ତ ଏବଂ ବିଶ୍ରାମ ଦିନ ଭାବେ ପାଳନ କରାଯାଏ । ଆଉ କେତେକ ସ୍ଥାନରେ ଏହି ଦିନ ବି କାମ ହୋଇଥାଏ । ହେଲେ ଏପରି ଏକ ଦେଶ ଅଛି ଯେଉଁଠାରେ ରବିବାର କାମ କରିବା ବେଆଇନ । ଏହି ଦେଶ ହେଉଛି ଟୋଙ୍ଗା । ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ଏହି ଛୋଟ ଦ୍ୱୀପ ରାଷ୍ଟ୍ରର ସାମ୍ବିଧାନିକ ଆଇନ ରବିବାରକୁ ସମ୍ପୂର୍ଣ୍ଣ ବିଶ୍ରାମର ଦିନ ବୋଲି ବିବେଚନା କରେ । ଏହି ନିୟମ ଉଲ୍ଲଂଘନ କରୁଥିବା ଯେକୌଣସି ବ୍ୟକ୍ତି ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇପାରନ୍ତି । ଟୋଙ୍ଗା ବିଶ୍ୱର ଏକମାତ୍ର ଦେଶ ଯାହା ଆଇନଗତ ଭାବରେ ରବିବାର ଛୁଟି ପାଳନ କରିବାକୁ ବାଧ୍ୟତାମୂଳକ କରିଥାଏ । ଏହି ନିୟମ କେବଳ ସରକାରୀ ନୀତି ଉପରେ ଆଧାରିତ ନୁହେଁ ବରଂ ଏଠାକାର ସମ୍ବିଧାନରେ ମଧ୍ୟ ଏବିଷୟରେ ଉଲ୍ଲେଖ ଅଛି । ଟୋଙ୍ଗା ସମ୍ବିଧାନର ଧାରା-୬ ଅନୁଯାୟୀ, କୌଣସି ଲୋକ ରବିବାର ଦିନ ବାଣିଜ୍ୟ, ବ୍ୟବସାୟ କିମ୍ବା ବୃତ୍ତିଗତ କାର୍ଯ୍ୟକଳାପରେ ନିୟୋଜିତ ହୋଇପାରିବେ ନାହିଁ । କାରଣ ଏଠାକାର ସମ୍ବିଧାନ ଏହାକୁ ଏକ ପବିତ୍ର ଦିନ ବୋଲି ଭାବିଥାଏ । ଏଭଳି ନିୟମ ଟୋଙ୍ଗାରେ ଖ୍ରୀଷ୍ଟ ଧର୍ମ ପରମ୍ପରାକୁ ସମ୍ମାନ ଦେଇ କରାଯାଇଛି । ଏହିଦିନ ଏଠାକାର ଲୋକେ ଚର୍ଚ୍ଚ ଯିବା ସହ ପରିବାର ସହ ସମୟ ଅତିବାହିତ କରିଥାନ୍ତି । ଟୋଙ୍ଗାରେ ଦୋକାନ, ବଜାର ଠୁ ଆରମ୍ଭ କରି ସପିଂ ମଲ୍ ରବିବାର ବନ୍ଦ ରହିଥାଏ । ରବିବାର ଦିନ ସମସ୍ତ ବାଣିଜ୍ୟିକ କାର୍ଯ୍ୟକଳାପ, ଶାରୀରିକ ଶ୍ରମ ଏବଂ ବୃତ୍ତିଗତ କାର୍ଯ୍ୟ ନିଷେଧ । ବଜାର ବନ୍ଦ ରହିବା ସହ ନିର୍ମାଣ କାର୍ଯ୍ୟ ଏବଂ ରାସ୍ତା କଡ଼ରେ ଛୋଟ ବିକ୍ରେତାମାନଙ୍କୁ ମଧ୍ୟ କାମ କରିବାକୁ ଅନୁମତି ନାହିଁ । ରବିବାର ଦିନ ଏଠାରେ ଏକାସାଙ୍ଗେ ଖେଳିବା, ମାଛ ଧରିବା, ବ୍ୟାୟାମ କରିବା, ଜୋରରେ ଗୀତ ଶୁଣିବା ବି ମନା । କେବଳ ସେତିକି ନୁହେଁ, ବିମାନବନ୍ଦର ଏବଂ ବନ୍ଦରଗୁଡ଼ିକ ମଧ୍ୟ ବନ୍ଦ ରହେ । ଟୋଙ୍ଗାରେ ରବିବାର ଆଇନ ଉଲ୍ଲଂଘନ କରିବା ଏକ ଅପରାଧ । ଏହିଦିନ କାମ କରୁଥିବା ଯେକୌଣସି ବ୍ୟକ୍ତିଙ୍କୁ ଭାରି ଜରିମାନା କିମ୍ବା ଜେଲ୍ ଦଣ୍ଡ ମଧ୍ୟ ହୋଇପାରେ । ଆଇନ ପ୍ରବର୍ତ୍ତନ ଅଧିକାରୀମାନେ ସକ୍ରିୟ ଭାବରେ ଏହାର ପାଳନ ଉପରେ ନଜର ରଖନ୍ତି । ଏହା ବ୍ୟତୀତ, ରବିବାର ଦିନ ଏଠାରେ ହୋଇଥିବା ଯେକୌଣସି ଚୁକ୍ତି, ଚୁକ୍ତିନାମା କିମ୍ବା ବ୍ୟବସାୟିକ କାରବାର ଅବୈଧ ହୋଇଥାଏ । ତେବେ ଏହିଦିନ ହସ୍ପିଟାଲ, ପୁଲିସ୍ ଏବଂ ଜରୁରିକାଳୀନ ସେବା ପାଇଁ ଅନୁମତି ଦିଆଯାଇଛି । ଟୋଙ୍ଗାବାସୀ ଏହାକୁ କେବଳ ଏକ ଆଇନ୍ ନୁହେଁ ବରଂ ସଂସ୍କୃତି ପରମ୍ପରା ସହ ଯୋଡ଼ି ଦେଖନ୍ତି ।

ଜୀବନ ନେଲା ଦାଢ଼ି ସଉକ

ଆଜିକାଲି ଯୁବଗୋଷ୍ଠୀ ଦାଢ଼ି ରଖିବା ପାଇଁ ପସନ୍ଦ କରୁଛନ୍ତି । ହେଲେ ଏମିତି ଅନେକ ଅଛନ୍ତି ଯେଉଁମାନଙ୍କର ସ୍ୱାଭାବିକ ଭାବେ ଠିକ୍ ଦାଢ଼ି ଉଠେ ନାହିଁ । ସେମାନେ ଦାଢ଼ି ବଢ଼ାଇବା ପାଇଁ ବିଭିନ୍ନ ପ୍ରକାର କ୍ରିମ୍ କିମ୍ବା ତେଲ ବ୍ୟବହାର କରିବା ସହ ସର୍ଜରୀ କରିବାକୁ ପଛାନ୍ତି ନାହିଁ । ଯାହାକି ସ୍ୱାସ୍ଥ୍ୟ ପାଇଁ ବେଳେବେଳେ ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ । ନିକଟରେ ଫ୍ରାନ୍ସର ଜଣେ ୨୪ ବର୍ଷୀୟ ଯୁବକଙ୍କୁ ଦାଢ଼ି ପ୍ରତିରୋପଣ କରିବା ମହଙ୍ଗା ସାବ୍ୟସ୍ତ ହୋଇଛି । ମାଥ୍ୟୁ ଡିରିଭର ଲାକ୍ରୁର ନାମକ ଏହି ଯୁବକ ଜଣଙ୍କର ସ୍ୱାଭାବିକ ଭାବେ ଦାଢ଼ି ଉଠୁ ନ ଥିଲା । ଏଥିପାଇଁ ସେ କମ୍ ଆକର୍ଷକ ଦେଖାଯାଉଛନ୍ତି ବୋଲି ଭାବୁଥିଲେ । ଏହାପରେ ସେ ଅନଲାଇନ୍ ସର୍ଚ୍ଚ କରି ଇସ୍ତାନବୁଲର ଏକ କ୍ଲିନିକ୍‌ରେ ଦାଢ଼ି ପ୍ରତିରୋପଣ କରିବାକୁ ମନ ବଳାଇଥିଲେ । କାରଣ ଏଠାରେ ଦାଢ଼ି ପ୍ରତିରୋପଣ ଫ୍ରାନ୍ସ ଅପେକ୍ଷା ଅପେକ୍ଷାକୃତ ତାଙ୍କୁ ଶସ୍ତା ମନେ ହେଲା । ଏଥିପାଇଁ ସେ ମାର୍ଚ୍ଚ, ୨୦୨୫ରେ ତୁର୍କୀ ଯାଇଥିଲେ । ଏହି ସର୍ଜରୀ ପାଇଁ ମାଥ୍ୟୁଙ୍କୁ ଭାରତୀୟ ମୁଦ୍ରାରେ ୧.୩୩ ଲକ୍ଷ ଖର୍ଚ୍ଚ କରିବାକୁ ପଡ଼ିଥିଲା । ସର୍ଜରୀରେ ତାଙ୍କ ମୁଣ୍ଡରୁ ୪୦୦୦ ଗ୍ରାଫ୍ଟ ବା କେଶ ମୂଳ ବାହାର କରି ତାକୁ ଚେହେରାରେ ଲଗାଯାଇଥିଲା । ହେଲେ କ୍ଲିନିକ୍‌ରେ ଅଭିଜ୍ଞ ଡାକ୍ତର ନ ଥିବାରୁ ଜଣେ ଋଥଲ ଇଣ୍ଟେର୍ ଏହେଣ୍ଡ ଏହି କାମ କରିଥିଲେ । ଫଳରେ ତାଙ୍କ ଶରୀରରେ ସଂକ୍ରମଣ ଦେଖାଯିବା ସହ ତାଙ୍କର ଯନ୍ତ୍ରଣା ବୃଦ୍ଧି ପାଇଥିଲା । ମାଥ୍ୟୁ ଯେତେବେଳେ ଫ୍ରାନ୍ସକୁ ଫେରିଥିଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ଖରାପ ହେବାକୁ ଲାଗିଲା । ସର୍ଜରୀର ତିନିମାସ ପରେ ସେ ଯନ୍ତ୍ରଣା ସହି ନ ପାରି ଆତ୍ମହତ୍ୟା କରିଦେଲେ । ମାଥ୍ୟୁଙ୍କ ବାପା ଜ୍ୟାକ୍ସ ତାଙ୍କ ପୁଅର ମୃତ୍ୟୁ କ୍ଲିନିକ୍‌ରେ ଥିବା ନକଲି ଡାକ୍ତର ଯୋଗୁଁ ହୋଇଥିବା ଅଭିଯୋଗ କରିଥିଲେ । ଏବେ ଏହି ଘଟଣା ତୁର୍କୀର ମେଡିକାଲ ଟୁରିଜିମ୍ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଆଜିର ରାଶିଫଳ

ମେଷ: ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ଭାବିଚିନ୍ତି କାମ ପୂରା କରିବେ । ବନ୍ଧୁଙ୍କ ସହଯୋଗ ମିଳିବ । ଆଇନଜୀବୀଙ୍କୁ ଶୁଭଫଳ ମିଳିବ । ନୂଆ କାମ ଆରମ୍ଭ କରିବାକୁ ଇଚ୍ଛା କରିବେ । ଅର୍ଥପ୍ରାପ୍ତିଯୋଗ ଅଛି ।

ବୃଷ: ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ । ଅଫିସ୍ କାମ ସୁଚାରୁରୂପେ ତୁଲାଇବେ । ଜୀବନସାଥୀଙ୍କ ସହ ସମ୍ପର୍କ ଘନିଷ୍ଠ ହେବ । ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ । ଧାର୍ମିକ କାର୍ଯ୍ୟରେ ଯୋଗଦାନ ଦେବେ ।

ମିଥୁନ: ଅଫିସ୍‌ରେ ନୂଆ ଦାୟିତ୍ୱ ମିଳିବ । ଘର ପାଇଁ ନୂଆ ଜିନିଷ କିଣିବେ । ବ୍ୟବସାୟରେ ଲାଭ ହେବ । ମାର୍କେଟିଂ ସହ ଜଡ଼ିତ ଲୋକଙ୍କୁ ସଫଳତା ମିଳିବ । ନବବିବାହିତା ଦମ୍ପତି ଦୂର ସ୍ଥାନକୁ ବୁଲିବାକୁ ଯିବେ ।

କର୍କଟ: ଦିନଟି ମିଶ୍ରଫଳ ପ୍ରଦାନ କରିବ । ବାପାମାଆଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ବିରୋଧୀ କାମରେ ବାଧା ଦେବେ । ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ । ପୁରୁଣା ବିବେଶରୁ ଲାଭ ମିଳିପାରେ ।

ସିଂହ: ଭାଇଭଉଣୀଙ୍କ ସାହାଯ୍ୟ ମିଳିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ସମୟ ପୂର୍ବରୁ କାମ ପୂରା କରିବେ । ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ହେବ । ଜୀବନସାଥୀଙ୍କ ସହ ସୁନ୍ଦର ସମୟ ଅତିବାହିତ କରିବେ ।

କନ୍ୟା: କୌଣସି କାର୍ଯ୍ୟକୁ ପୂରା କରିବାରେ ପଡ଼ୋଶୀ ସହାୟତା କରିବେ । ଆଧ୍ୟାତ୍ମିକ ପ୍ରତି ରୁଚି ବଢ଼ିବ । ଦାମ୍ପତ୍ୟ ଜୀବନରେ ଖୁସି ବଜାୟ ରହିବ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ ।

ତୁଳା: ଆର୍ଥିକ ସ୍ଥିତି ମଜଭୁତ ହେବ । ପାରିବାରିକ ସମସ୍ୟା ଦେଖା ଦେବ । ଯାନବାହନ ଚାଳନା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ । ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି ।

ବିଛା: ସମାଜସେବା ଲାଗି ସମ୍ମାନିତ ହେବେ । ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ । ପ୍ରେମିକ ପ୍ରେମିକାଙ୍କ ସମ୍ପର୍କ ମଜଭୁତ ହେବ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

ଧନୁ: ବ୍ୟବସାୟରେ ଉନ୍ନତି ଘଟିବ । ଜୀବନସାଥୀଙ୍କଠାରୁ ଉପହାର ମିଳିବ । ମନ ପ୍ରସନ୍ନ ରହିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀ ସମ୍ମାନିତ କରିବେ । ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ ।

ମକର: କାମ ବୋଝ ଅଧିକ ରହିବ । କୋର୍ଟ କଚେରୀ ମାମଲାରେ ସଫଳତା ମିଳିବ । ମାନ ସମ୍ମାନ ବଢ଼ିବ । ପରିବାରକୁ ନେଇ କୌଣସି ବଡ଼ ନିଷ୍ପତ୍ତି ନେବେ । ଉଧାର ଟଙ୍କା ଫେରି ପାଇବେ ।

କୁମ୍ଭ: ଶୁଭ ଖବର ମିଳିବ । ଘରକୁ ଅତିଥିଙ୍କ ଆଗମନ ହେବ । ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ । ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ । ମହିଳା ବନ୍ଧୁଙ୍କ ସହଯୋଗ ମିଳିବ ।

ମୀନ: ସ୍ୱଭାବରେ ପରିବର୍ତ୍ତନ ଆଣିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଛାତ୍ରଛାତ୍ରୀମାନେ ଖେଳକୁଦ ଓ ମନୋରଞ୍ଜନରେ ସମୟ ଅତିବାହିତ କରିବେ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ ।

ଉତ୍କଳ ସମାଚାର

ସମ୍ପାଦକୀୟ...

ଗୁରୁବାର ୨ ଏପ୍ରିଲ ୨୦୨୬

କୋଟିପତିଙ୍କ ସ୍ୱର୍ଗ

ବିଶ୍ୱରେ ସବୁଠାରୁ ଜନବହୁଳ ରାଷ୍ଟ୍ର ଭାରତ। ଏଥିମଧ୍ୟରେ ଲୋକସଂଖ୍ୟା ୧୪୪ କୋଟି ଅତିକ୍ରମ କଲାଣି। ଆମ ଅର୍ଥନୀତି ମଧ୍ୟ ୪ଟ୍ରିଲିୟନ୍ ଡଲାର ଅତିକ୍ରମ କରି ଚତୁର୍ଥ ବୃହତ୍ ଅର୍ଥନୀତିର ମର୍ଯ୍ୟାଦା ହାସଲ କରିଛି। ତେବେ ଦେଶର ଏକଶହ ବିତଶାଳୀ ବ୍ୟକ୍ତିଙ୍କ ହାତରେ ୧ ଟ୍ରିଲିୟନ୍ ଡଲାର ସମ୍ପତି ଠୁଳ ହୋଇ ରହିଛି। ତେଲିଆ ମୁଣ୍ଡରେ ତେଲ ଭଳି କିଛି ସୀମିତ ଲୋକଙ୍କ ଉପାର୍ଜନ ବଢୁଛି। ସେମାନେ ଜାତୀୟ ସମ୍ବଳକୁ ନିଜ କରାୟତରେ ରଖିବାକୁ ସମର୍ଥ ହୋଇଛନ୍ତି। ସରକାରୀ ଓ ବେସରକାରୀ ସ୍ତରରେ ସମସ୍ତ ସୁବିଧା ସୁଯୋଗ ସେହି ବର୍ଗ ହିଁ ଉପଭୋଗ କରୁଛନ୍ତି। ଏତେ ବିପୁଳ ଜନସଂଖ୍ୟା ମଧ୍ୟରୁ ବାର୍ଷିକ କୋଟିଏ ଟଙ୍କା ଉପାର୍ଜନ କ୍ଷମତା ହାସଲ କରିଥିବା ଲୋକଙ୍କ ସଂଖ୍ୟା ୪.୬୮ ଲକ୍ଷରେ ସୀମିତ ଅଛି। ଏହି କୋଟିପତିଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଉଛି। ବିସିଜିର ପରିସଂଖ୍ୟାନ ଆକଳନ କରିଛି ଯେ ୨୦୨୯ ସୁଦ୍ଧା ଏହି କୋଟିପତିଙ୍କ ସଂଖ୍ୟା ୫୫ ପ୍ରତିଶତ ବୃଦ୍ଧି ପାଇବ। ଏହା ବିଶ୍ୱହାରଠାରୁ ୨୧ ପ୍ରତିଶତ ଅଧିକ। ଏକଥା ସତ ଯେ ଆମ ଅର୍ଥନୈତିକ ବ୍ୟବସ୍ଥା ଏଥିସକାଶେ ସୁବିଧା ସୁଯୋଗ ସୃଷ୍ଟି କରୁଛି। ତେବେ ଜନସଂଖ୍ୟା ଦୃଷ୍ଟିରୁ ବିଚାର କଲେ ଏମାନଙ୍କ ଆନୁପାତିକ ହାର ଅତି ନଗଣ୍ୟ। ଅସ୍ୱଚ୍ଛଳ ବର୍ଗଙ୍କ ସ୍ଥିତିରେ ଉନ୍ନତି ପାଇଁ ଉପାର୍ଜନ କ୍ଷମତା ବୃଦ୍ଧି ପ୍ରତି ଯଥୋଚିତ ଧ୍ୟାନ ଦିଆଯାଇ ପାରୁନଥିବାର ପରିଲକ୍ଷିତ ହେଉଛି। ନହେଲେ ଦେଶର ୮୧ କୋଟି ଲୋକଙ୍କୁ ମାଗଣା ରାସନ୍ ଦେବାର ବାଧ୍ୟବାଧକତା ସୃଷ୍ଟି ହୋଇ ନ ଥା'ନ୍ତା। କର୍ପୋରେଟ ସଂସ୍କୃତିକୁ ସବୁସ୍ତରରୁ ମିଳୁଥିବା ସରକାରୀ ସହାୟତା ସେମାନଙ୍କୁ ଅଧିକରୁ ଅଧିକ ବିତଶାଳୀ କରିଛି। ଦ୍ରୁତ ଅର୍ଥନୀତିର ସେମାନେ ହିଁ ହୋଇଛନ୍ତି ବାହକ। ଠିକା ନିଯୁକ୍ତି ମାଧ୍ୟମରେ ଶ୍ରମ ଆଇନର ଖୋଲା ଉଲ୍ଲଙ୍ଘନ କରି ନିର୍ବାଧାରେ ସେମାନେ ଶୋଷଣ ଜାରି ରଖିଛନ୍ତି। ସେମାନଙ୍କ ବିପୁଳ ଆୟ ସତ୍ତ୍ୱେ ଏହି ନିମ୍ନ ଆୟକାରୀ ଠିକା ଶ୍ରମିକ ଓ କର୍ମଚାରୀଙ୍କ ଉପାର୍ଜନ ସମୟର ଆବଶ୍ୟକତା ଅନୁରୂପ ହେଉନଥିବାରୁ ଭୟଙ୍କର ଆର୍ଥିକ ଦୁର୍ଗତି ମଧ୍ୟରେ ସେମାନେ କାଳାତିପାତ କରୁଛନ୍ତି। ଦେଶର ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଉପାର୍ଜନକ୍ଷମତା ସୃଷ୍ଟି କରିବାକୁ ଅସମର୍ଥ। ତେଣୁ ବର୍ଦ୍ଧିତ ବେକାରୀ ଦେଶରେ ଉପୁଜୁଥିବା ନାନା ସମସ୍ୟାର କାରଣ ପାଲଟିଛି। ଅଭାବରୁ ଅପରାଧ ପ୍ରବଣତା ବଢୁଛି, କ୍ରମେ ତାହା ନିୟନ୍ତ୍ରଣ ସୀମା ଅତିକ୍ରମ କରୁଛି। ପରିଲକ୍ଷିତ ଆର୍ଥିକ ଅସମାନତା ସାମାଜିକ ଜୀବନଧାରାରେ ଆକାଂକ୍ଷିତ ପରିବର୍ତ୍ତନର ବାଧକ ସାଜିଛି। ଆମ ଦେଶରେ ବୃଦ୍ଧି ପାଉଥିବା ଅରବପତି ଓ କୋଟିପତିଙ୍କୁ ନେଇ ସାମଗ୍ରିକ ବିକାଶର ସ୍ୱପ୍ନ ଦେଖିବାର କୌଣସି ଯଥାର୍ଥତା ନାହିଁ। ଆମେରିକା, ଚୀନ, ଜର୍ମାନୀ ପଛକୁ ଆମେ ବିଶ୍ୱର ଚତୁର୍ଥ ଅର୍ଥନୀତି ରୂପେ ଗର୍ବ କରୁଥିବା ବେଳେ ଆମ ଦେଶରେ ଜୀବନ ଧାରଣର ମାନ ଓ ମୁଣ୍ଡ ପିଛା ଆୟ ତୁଳନାତ୍ମକ ଭାବେ ବହୁତ ପଛରେ ପଡ଼ିଛି। ଉଚ୍ଚ ଆୟକାରୀ ବର୍ଗଙ୍କୁ ଦେଶର ଅର୍ଥନୈତିକ ପ୍ରଗତିର ସୂଚକ ରୂପେ ଗ୍ରହଣ କରାଯାଉଥିବା ବେଳେ ଜୀବନ ଯୁଦ୍ଧରେ ହାରିଯାଉଥିବା ଲୋକସଂଖ୍ୟାର ଦୁଇ-ତୃତୀୟାଂଶ ସରକାରୀ ରାଜସ୍ୱ ବା ଟ୍ରେଜେରୀଙ୍କ ଟିକସ ମାଧ୍ୟମରେ ସମୃଦ୍ଧ କରିଚାଲିଛନ୍ତି। ଅଥଚ ଯୋଜନାର ରୂପରେଖ ସେମାନଙ୍କ ଭବିଷ୍ୟତ ବା ସମୁଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାରେ ସହାୟକ ହେଉନି। ସରକାରଙ୍କ ବିଚାରଧାରାରେ ଏହି ବ୍ୟବଧାନ ସଙ୍କୁଚିତ ନ ହେଲେ ତଥାକଥିତ ବିକଶିତ ଭାରତ ଗଠନ ସ୍ୱପ୍ନ ଅଧୁରା ରହିଯିବ। ଏହା ସତ୍ୟ ଯେ ପ୍ରତିଯୋଗିତାପୂର୍ଣ୍ଣ ବଜାର ଅର୍ଥନୀତିରେ ନିବେଶକାରୀର ପ୍ରାଧାନ୍ୟ ରହିବ। ଆର୍ଥିକସ୍ତରରେ ଅସମାନତାକୁ ଦୂର କରିବା ସମ୍ଭବ ନୁହେଁ। କିନ୍ତୁ ଜୀବନଧାରଣ ମାନରେ ଉନ୍ନତି ଓ ସହନୀୟ ମୁଣ୍ଡପିଛା ଆୟ ବୃଦ୍ଧି ନ ଘଟିଲେ ପ୍ରତିଯୋଗିତାପୂର୍ଣ୍ଣ ପରିବେଶ ସୃଷ୍ଟି ହେବ ନାହିଁ। ଫଳରେ ଏକଚାଟିଆ କାରବାର ଓ ଶୋଷଣକୁ ପ୍ରୋତ୍ସାହିତ କରିବ। ଏହା ସାମାଜିକ ଓ ଜାତୀୟ ଜୀବନରେ ଶୃଙ୍ଖଳା ଓ ସଂପ୍ରୀତି ପରିବେଶ ସୃଷ୍ଟିରେ ଗୁରୁତର ପ୍ରତିବନ୍ଧକ ହେବ। ଦେଶର ବିତଶାଳୀ ବ୍ୟକ୍ତିଙ୍କ ସଂପର୍କରେ ଉଲ୍ଲେଖ କଲାବେଳେ ମୁକେଶ ଆମ୍ବାନି ଓ ଗୌତମ ଆଦାନୀଙ୍କୁ ବାଦ ଦେଇ ପାରିବାନି। ଆମ୍ବାନି ୯୧.୮ ବିଲିୟନ ଡଲାର ସମ୍ପତ୍ତିର ମାଲିକ। ସେ ଏସିଆର ସବୁଠାରୁ ଧନଶାଳୀ ବ୍ୟକ୍ତି। ତାଙ୍କ ପଛକୁ ଅଛନ୍ତି ଗୌତମ ଆଦାନୀ। ସେ ୫୩.୫ ବିଲିୟନ ଡଲାର ସମ୍ପତିର ମାଲିକ। ଅର୍ଥ ବା ସମ୍ପତି ଆହରଣ ପାଇଁ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ନିଶ୍ଚୟ ରହିବ। ଗତ ଆର୍ଥିକବର୍ଷରେ ଆମ୍ବାନିଙ୍କ ୧ଲକ୍ଷ କୋଟି ଟଙ୍କାର ଆୟ ହ୍ରାସ ପାଇଥିବା ବେଳେ ଆଦାନୀଙ୍କ ଆୟ ୧୩ ପ୍ରତିଶତ ବଢ଼ିଛି। ଆମ ଦେଶରେ ବାର୍ଷିକ ୧୦ କୋଟି ଟଙ୍କା ଆୟ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଦ୍ରୁତଗତିରେ ବଢୁଥିବାର ପରିଲକ୍ଷିତ ହୋଇଛି। ସେମାନଙ୍କ ସଂଖ୍ୟା ୪୩ ହଜାରରେ ପହଞ୍ଚିଛି। ସେହିଭଳି ବାର୍ଷିକ ୧ କୋଟିରୁ ୫ କୋଟି ଉପାର୍ଜନ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ୩.୮୯ ଲକ୍ଷ ଓ ୫ କୋଟିରୁ ୧୦ କୋଟି ଟଙ୍କା ଆୟକାରୀଙ୍କ ସଂଖ୍ୟା ୩୬ ହଜାରରେ ପହଞ୍ଚିଛି। ଅବଶ୍ୟ ଏହି ତଥ୍ୟ ଆୟକର ବିଭାଗ ରିପୋର୍ଟରୁ ଜଣାପଡ଼ିଛି। ଏହାଛଡ଼ା ଦେଶରେ ୨୮୪ ଅରବପତି ଅଛନ୍ତି, ଯେଉଁମାନଙ୍କର ଆୟ ସାଉଦୀ ଆରବର ଜିଡିପିଠାରୁ ଅଧିକ। ଦେଶର ଜନସଂଖ୍ୟା ଦୃଷ୍ଟିରୁ ବିଚାର କଲେ ଏହି ସୀମିତ ଲୋକଙ୍କ ଉପାର୍ଜନ କ୍ଷମତା ହିଁ ଆମ ଅର୍ଥନୀତିକୁ ନୂଆ ଶିଖରରେ ପହଞ୍ଚାଇଛି। ଅଭିବୃଦ୍ଧି ବା ଜିଡିପି ହାର ବୃଦ୍ଧି ସେମାନଙ୍କ କର୍ମକୁଶଳତା ଉପରେ ନିର୍ଭର କରେ। ଅବଶ୍ୟ ଗତ ତ୍ରୈମାସିକ ଆର୍ଥିକ ରିପୋର୍ଟରେ ଜିଡିପିକୁ କୃଷିର ଅବଦାନ ୪.୨ ପ୍ରତିଶତ ଏକ ଉଲ୍ଲେଖନୀୟ ଘଟଣା। ହେଲେ କୃଷି ଉତ୍ପାଦର ବେପାର ବଣିଜରେ ଏହି ବର୍ଗର ହିଁ ପ୍ରମୁଖ ଭୂମିକା ରହିଛି। ତେଣୁ ଦେଶର ଅର୍ଥନୀତିକୁ ଗତି ଦେଇ ଚତୁର୍ଥସ୍ଥାନରେ ପହଞ୍ଚାଇବାର ସମସ୍ତ ଶ୍ରେୟ ଏମାନଙ୍କୁ ହିଁ ଦିଆଯାଉଛି। ତେଣୁ ସରକାର ବିପୁଳ ବ୍ୟାଙ୍କଋଣ ଛାଡ଼ କରିବା ସହ କର୍ପୋରେଟ ଟିକସ ମଧ୍ୟ ହ୍ରାସ କରିଛନ୍ତି। କିନ୍ତୁ ଆୟକର ବିଭାଗ ପରିସଂଖ୍ୟାନ କହେ ଏମାନଙ୍କ ଅପେକ୍ଷା ସାଧାରଣ ବର୍ଗ ହିଁ ଅଧିକ ଟିକସ ଦେଉଛନ୍ତି। ଏସବୁ ସତ୍ତ୍ୱେ ସେମାନଙ୍କ ପ୍ରତି ସରକାରଙ୍କ ସ୍ୱତନ୍ତ୍ର ଆଶୀର୍ବାଦ ରହିଛି।

ମାନସିକ ଦୁଃସ୍ଥିତି ଓ ଆତ୍ମହତ୍ୟାପ୍ରବଣତା

ଦୁର୍ଲଭ ଜନମ ମାନବ ଜୀବନ । ସାମାନ୍ୟ କଥାକୁ କେନ୍ଦ୍ରକରି ଜୀବନ ପ୍ରତି ବୀତସ୍ପୃହ ହୋଇ ଆତ୍ମହତ୍ୟାର ପଥ ବାଛିନେବା ଆଦୌ ଗ୍ରହଣୀୟ ନୁହେଁ । ଆଜି ଯେଉଁ ସମସ୍ୟାଚକ୍ରରେ ପଡ଼ି ମଣିଷ ଘାଣ୍ଟି ହେଉଛି କାଲି ହୁଏତ ତାହା ଅପସୃତ ହେବ ଓ ନୂତନ ଆଶା ସଂଚାରିତ ହୋଇ ଜୀବନର ଗତିପଥ ବଦଳିଯିବ । କିନ୍ତୁ କ୍ଷଣିକ ନିରାନନ୍ଦମୟ ପରିସ୍ଥିତିକୁ ଅସହ୍ୟ ମନେକରି ଆତ୍ମହତ୍ୟାର ପଥ ବାଛିନେବା ବିଜ୍ଞତାର ପରିଚାୟକ ନୁହେଁ । ଏ ସମ୍ବନ୍ଧରେ ଇଂଲଣ୍ଡର ଏକ ସତ୍ୟ ଘଟଣା ପ୍ରଣିଧାନଯୋଗ୍ୟ । ଉତ୍କଟ ଦାରିଦ୍ର୍ୟ ସତ୍ତ୍ୱେ ପିଲାକୁ ଉଚ୍ଚଶିକ୍ଷିତ କରିବା ମାନସିକତାରେ ବାପା ପୁଅକୁ ବିଦ୍ୟାଳୟରେ ନାମ ଲେଖାଇଦେଲେ । ବିଦ୍ୟାଳୟରେ ଦୁଷ୍ଟ ପିଲାଙ୍କ ସଙ୍ଗେ ମିଶି ପିଲାଟି ପାଠପଢ଼ାରେ ମନ ନଦେଇ କ୍ରମେ ବିପଥଗାମୀ ହେଲା । ପୁଅ ବିରୁଦ୍ଧରେ ପ୍ରତ୍ୟହ ବାପାଙ୍କ ନିକଟରେ ନୂଆ ନୂଆ ଅଭିଯୋଗମାନ ପହଂଚୁଥିଲା । ବାଧ୍ୟହୋଇ ପୁଅପାଇଁ ବାପାଙ୍କୁ ଏକ କଠୋର ପଦକ୍ଷେପ ନେବାକୁ ପଡ଼ିଲା । ପିତା ପୁତ୍ରକୁ ଇଷ୍ଟଇଣ୍ଡିଆ କମ୍ପାନୀରେ ଭର୍ତ୍ତି କରିଦେଲେ । ଉଦ୍ଦେଶ୍ୟ ଥିଲା କମ୍ପାନୀର କଡ଼ା ଅନୁଶାସନ ହୁଏତ ପିଲାର ଚରିତ୍ରରେ ପରିବର୍ତ୍ତନ ଆଣିପାରେ । ସେତେବେଳେ ପିଲାର ବୟସ ମାତ୍ର ୧୭ବର୍ଷ । ଭାରତକୁ ଜଳଯାତ୍ରା ସମୟରେ ପିଲାଟି ଅବସାଦଗ୍ରସ୍ତ ହୋଇ ଗ୍ରାମର ସାଙ୍ଗସାଥୀଙ୍କୁ ଝୁରିହେଲା । ଅତ୍ୟନ୍ତ ନିରବରେ ବସିଥିବା ପିଲାଟି ସମୁଦ୍ରକୁ ଲମ୍ଫ ଦେବାର ଯେଉଁ ଉପକ୍ରମ କଲା ସେଥିରୁ ତାକୁ ବଚାଂଇ ଦିଆଗଲା । ଭାରତରେ ପହଚିଂ କମ୍ପାନୀର ଏକ କନିଷ୍ଠ କିରାଣି ଚାକିରି କଲା । ମାସିକ ବେତନ ଥିଲା ମାତ୍ର ପାଚଂ ପାଉଣ୍ଡ । ସୁଦୂର ଇଂଲଣ୍ଡରୁ ଆସି ଭାରତରେ କାମ କରିବା ପିଲାଟି ପକ୍ଷେ ଆଦୌ ସହଜ ବୋଧ ହେଲାନାହିଁ । ମନ ସର୍ବଦା ଅସ୍ଥିର ରହୁଥିଲା । ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟାର ପଥ ସ୍ଥିର କଲା । ନିଜ ମୁଣ୍ଡକୁ ଲକ୍ଷ୍ୟକରି ତିନି ରାଉଣ୍ଡ ଗୁଳି ଚଳାଇଥିଲେ ମଧ୍ୟ ସେ ସେଥିରୁ ରକ୍ଷା ପାଇଯାଇଥିଲା । ସେ ଭାବିନେଲା, ବୋଧହୁଏ ଈଶ୍ୱରଙ୍କର ମୋ ଦ୍ୱାରା ଆଉ କୌଣସି ଉଦ୍ଦେଶ୍ୟ ସାଧିତ ହେବାର ଅଛି । କ୍ରମେ ଅବସାଦରୁ ମୁକ୍ତି ପାଇ ସ୍ୱୀୟ ବୁଦ୍ଧିବଳରେ କମ୍ପାନୀର ରକ୍ଷାକବଚ ସାଜିଲା । ୧୭୫୭ ପଲାସୀ ଯୁଦ୍ଧରେ ବଙ୍ଗର ନବାବ ସିରାଜଉଦୌଲାଙ୍କୁ ପରାସ୍ତ କରି ଭାରତରେ ଇଂରେଜ ଶାସନର ଭିତ୍ତିପ୍ରସ୍ତର ସ୍ଥାପନ କରିବାର ଯୁଗାନ୍ତକାରୀ ବିନ୍ଧାଣିର ଭୂମିକା ନିଭେଇଥିବା ଏଇ ଯୁବକ ଥିଲେ ରବର୍ଟ କ୍ଲାଇଭ୍ । ଭାରତରେ ଦୀର୍ଘ ଇଂରେଜ ଶାସନର ମୂଳଦୁଆ ପକାଇଥିଲେ କ୍ଲାଇଭ୍ । ଯଦି ସେ ପୂର୍ବରୁ ଆତ୍ମହତ୍ୟା କରିଥାନ୍ତେ ତେବେ ଏ ମହତ୍ ଉଦ୍ଦେଶ୍ୟ କିପରି ସାଧିତ ହୋଇଥାନ୍ତା ମାନସିକ ଅସ୍ଥିରତା ଆତ୍ମହତ୍ୟାକୁ ଆମନ୍ତ୍ରଣ କରେ । ଏହା ଏକ ମାନସିକ ବ୍ୟାଧି । ଶିକ୍ଷାର ଅଭାବ କିମ୍ବା ଅପପ୍ରୟୋଗ ଏହି ବ୍ୟାଧିକୁ ଉତ୍କଟ କରିବାରେ ସହାୟକ ହୁଏ । ସ୍ୱାମୀ ସୁଖବୋଧାନନ୍ଦଙ୍କ ଭାଷାରେ, ଆବେଗହୀନ ପ୍ରଜ୍ଞା ଓ ପ୍ରଜ୍ଞାବିହୀନ ଆବେଗ ସମ୍ପୂର୍ଣ୍ଣ ଅର୍ଥହୀନ । କିନ୍ତୁ ଏହି ଦୁଇ ବିପରୀତଧର୍ମୀ କ୍ରିୟାର ସଂଯୋଗରେ ଆଜିର ସମାଜ ଜର୍ଜରିତ । ମୃତ୍ୟୁ ଏକ କଠିନ ବାସ୍ତବତା ଜାଣି ମଧ୍ୟ ଆଜିର ଯୁବକ ଯୁବତୀ ସ୍ୱେଚ୍ଛାକୃତ ଭାବେ ମୃତ୍ୟୁକୁ ଆଲିଙ୍ଗନ କରୁଛନ୍ତି । କାରଣ ସେମାନେ ପ୍ରଜ୍ଞାବିହୀନ ଆବେଗରେ ବଶୀଭୂତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସର୍ବେକ୍ଷଣ ଅନୁସାରେ ବିଶ୍ୱର ପ୍ରାୟ ୩୦କୋଟିରୁ ଉର୍ଦ୍ଧ୍ୱ ବ୍ୟକ୍ତି ମାନସିକ ବିକାରଗ୍ରସ୍ତ । ବିଶେଷକରି ୨୦୦୫ ମସିହା ଠାରୁ ମାନସିକ ଚାପଗ୍ରସ୍ତ ବ୍ୟକ୍ତିଙ୍କ ସଂଖ୍ୟା ୧୮ ପ୍ରତିଶତ ବୃଦ୍ଧିପାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତତ୍କାଳୀନ ମାନସିକ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଶେଖର ସାକ୍ସେନାଙ୍କ ମତରେ, କୌଣସି ବ୍ୟକ୍ତି ମାନସିକ ଚାପଗ୍ରସ୍ତ ହେଲେ ସେ ତାଙ୍କ ସମସ୍ୟାକୁ ନିଃସଙ୍କୋଚରେ ତାଙ୍କ ପ୍ରିୟଜନଙ୍କୁ ଜଣାଇବା ଦରକାର । ଏକ ଅନୁସନ୍ଧାନରୁ ଜଣାଯାଏ ଯେ, ସ୍ୱଳ୍ପ ଆୟକାରୀ ଦେଶଗୁଡ଼ିକରେ ମାନସିକ ବ୍ୟାଧି କ୍ରମେ ସଂକ୍ରାମକ ରୂପ ଧାରଣ କଲାଣି । ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ଅତ୍ୟନ୍ତ ବ୍ୟୟବହୁଳ ଓ ଦୀର୍ଘମିଆଦି ଚିକିତ୍ସାର ଅନ୍ତର୍ଭୁକ୍ତ । ବର୍ତ୍ତମାନ ପୃଥିବୀରେ ଚାଇନା ମାନସିକ ରୋଗରେ ପ୍ରଥମ ଓ ଭାରତ ଦ୍ୱିତୀୟ ସ୍ଥାନରେ ଅଛି । ଆଉ ମାତ୍ର ୧୦/ ୧୫ ବର୍ଷ ଭିତରେ ଭାରତର ସ୍ଥାନ ପ୍ରଥମ ହୋଇପାରେ । କାରଣ ଇତିମଧ୍ୟରେ ଚାଇନା ବ୍ୟାପକ ଯୋଜନା ହାତକୁ ନେଇଥିବାବେଳେ ଭାରତର ସେପରି କୌଣସି ଯୋଜନା ନାହିଁ କହିଲେ ଚଳେ । ମାନସିକ ଅବସାଦ ସହଜରେ ଆତ୍ମହତ୍ୟାପ୍ରବଣତାକୁ ଆମନ୍ତ୍ରଣ କରେ । ବିଶେଷ କରି କିଶୋରାବସ୍ଥାରେ ଏହା ଉଗ୍ରରୂପ ଧାରଣ କରେ । ଭାରତରେ ୧୫ରୁ ୨୯ବର୍ଷ ବୟସର ଯୁବଗୋଷ୍ଠୀର ଆତ୍ମହତ୍ୟାପ୍ରବଣତା ଅନ୍ତର୍ଜାତୀୟ ହାରର ପ୍ରାୟ ତିନିଗୁଣ । ଏହି ଗୋଷ୍ଠୀର ଯୁବତୀଙ୍କ ସଂଖ୍ୟା ଯୁବକଙ୍କ ତୁଳନାରେ ଉଦ୍‌ବେଗଜନକ । ବୈଶ୍ୱିକ ସ୍ଥିତି କିନ୍ତୁ ଏହାର ବିପରୀତ । ବିଶ୍ୱରେ ପୁରୁଷଙ୍କ ଆତ୍ମହତ୍ୟାପ୍ରବଣତା ମହିଳାଙ୍କ ତୁଳନାରେ ଅଧିକ । ଲାନ୍‌ସେଟ୍‌ର ଏକ ସର୍ବେକ୍ଷଣ ଅନୁଯାୟୀ, ଝିଅମାନେ ସମାନ ବୟସର ପୁଅଙ୍କ ତୁଳନାରେ ଅଧିକ ଅବସାଦଗ୍ରସ୍ତ ହୋଇ ଆତ୍ମହତ୍ୟାକୁ ବାଛି ନେଉଛନ୍ତି । ଭାରତ କଥା ଦେଖିଲେ ତାମିଲନାଡୁରେ ଆତ୍ମହତ୍ୟା ସଂଖ୍ୟା ଭାରତରେ ସର୍ବାଧିକ । ଏଠାରେ ପ୍ରତି ଏକଲକ୍ଷ ଝିଅଙ୍କ ମଧ୍ୟରୁ ୧୪୮ଜଣ ଆତ୍ମହତ୍ୟା କରୁଛନ୍ତି । ମହିଳାଙ୍କ ମଧ୍ୟରେ ବିବାହିତାଙ୍କ ସଂଖ୍ୟା କୁମାରୀମାନଙ୍କ ତୁଳନାରେ ଢେର ଅଧିକ । ଆଶ୍ଚର୍ଯ୍ୟର କଥା ଯେ, ଭାରତର ଉନ୍ନତ ଦକ୍ଷିଣ ଭାରତୀୟ ରାଜ୍ୟ ସମୂହରେ ଆତ୍ମହତ୍ୟା ଅପେକ୍ଷାକୃତ ଅନୁନ୍ନତ ଉତ୍ତର ଭାରତୀୟ ରାଜ୍ୟ ତୁଳନାରେ ଅଧିକ । ମିଲିୟନ ଡେଥ୍‌ଷ୍ଟଡି ନାମକ ଏକ ଗବେଷଣା ସଂସ୍ଥା ଭାରତରେ ୬୬୭୧ଟି ଅଂଚଳରେ ୧୧ଲକ୍ଷ ଲୋକଙ୍କୁ ନେଇ କରିଥିବା ଏକ ସର୍ବେକ୍ଷଣ ଅନୁସାରେ, ଭାରତରେ ବିବାହବିଚ୍ଛେଦ ଭୋଗୁଥିବା ମହିଳା ଓ ବିଧବାଙ୍କ ତୁଳନାରେ ସ୍ୱାମୀ ସନ୍ତାନଙ୍କୁ ନେଇ ସଂସାର କରିଥିବା ମହିଳାଙ୍କ ଆତ୍ମହତ୍ୟା ହାର ଯଥେଷ୍ଟ ଅଧିକ । ଆତ୍ମହତ୍ୟାର ୩ଟି ପ୍ରମୁଖ କାରଣ ହେଉଛି ଆର୍ଥିକ, ସାମାଜିକ ଓ ପାରିବେଶିକ । ପୃଥିବୀରେ ଜାପାନ ଆତ୍ମହତ୍ୟାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି । ଏଠାରେ ପ୍ରତି ୧ଲକ୍ଷରେ ୨୦ଜଣ ଆତ୍ମହତ୍ୟା କରୁଥିବାବେଳେ, ସୁଇଜରଲାଣ୍ଡରେ ୧୪ ଓ ଭାରତରେ ପ୍ରତି ଏକଲକ୍ଷରେ ୧୧ଜଣ ଆତ୍ମହତ୍ୟା କରୁଛନ୍ତି । ଭାରତ ଆତ୍ମହତ୍ୟା କ୍ଷେତ୍ରରେ ତୃତୀୟ ସ୍ଥାନରେ ଅଛି । ଭାରତର ଦକ୍ଷିଣ ରାଜ୍ୟଗୁଡ଼ିକରେ ଉତରାଂଚଳ ଅପେକ୍ଷା ଆତ୍ମହତ୍ୟା ପ୍ରବଣତା ଯଥେଷ୍ଟ ଅଧିକ । ଏବେ କିଛିବର୍ଷ ହେଲା ଦେଖାଯାଉଛି ଯେ ଯୌତୁକ, ସୌନ୍ଦର୍ଯ୍ୟ ଓ ପରକୀୟା ପ୍ରୀତି ଆତ୍ମହତ୍ୟାକୁ ପ୍ରୋତ୍ସାହିତ କରୁଛି । ଉତର ଭାରତରେ ଯୌତୁକ ତଥା ଅନ୍ୟାନ୍ୟ ଆର୍ଥିକ କାରଣକୁ ନେଇ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଥିବା ବେଳେ ଦକ୍ଷିଣ ଭାରତୀୟ ରାଜ୍ୟସମୂହରେ ଶାରୀରିକ ସୌନ୍ଦର୍ଯ୍ୟ ଓ ପରକୀୟା ପ୍ରୀତି ଯୋଗୁଁ ଆତ୍ମହତ୍ୟା ପ୍ରବଣତା ବୃଦ୍ଧିପାଉଛି । ଏତଦ୍ ବ୍ୟତୀତ ପାରିବେଶିକ କାରଣ ମଧ୍ୟ ଆତ୍ମହତ୍ୟା ପ୍ରବଣତା ପାଇଁ ଅନେକାଂଶରେ ଦାୟୀ । ସ୍ୱିଡେନ ଓ୍ୱମିଆ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ମତରେ, ଯାନବାହନରୁ ନିର୍ଗତ କ୍ଷତିକାରକ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ବାଷ୍ପ ମାନସିକ ଅବସାଦ ସୃଷ୍ଟିର ଅନ୍ୟତମ ପ୍ରମୁଖ କାରଣ, ଯାହା ସଂକ୍ରମିତ ବ୍ୟକ୍ତିକୁ ଆତ୍ମହତ୍ୟା ପାଇଁ ଉତ୍‌ପ୍ରେରିତ କରିଥାଏ । ଆଧୁନିକ ବାଦ୍ୟର ଉତ୍କଟ ଶବ୍ଦ ମାନସିକ ରୋଗୀର ଜୀବନକୁ ସଂକଟାପନ୍ନ କରିଥାଏ । କିଛିବର୍ଷ ତଳେ ଓଡ଼ିଶାରେ ଉତ୍କଟ ଫସଲ ହାନିକୁ ସାମ୍ନା କରିନପାରି ଅନେକ କୃଷକ ଆତ୍ମହତ୍ୟାର ମାର୍ଗ ବାଛି ନେଇଥିଲେ । ଶିକ୍ଷାକ୍ଷେତ୍ରରେ ଅସଫଳତାର ସନ୍ଦେହ ଅନେକ ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟା ପର୍ଯ୍ୟନ୍ତ ଟାଣିନେଉଥିବାର ଖବରମାନ ନିତି ପ୍ରକାଶିତ ହେଉଛି । ସାମୟିକ ଦୁଃଖ, ଦୁର୍ଦ୍ଦିନ, ନୈରାଶ୍ୟ ଓ ଆକସ୍ମିକ ଘଟଣାଚକ୍ରକୁ ଗୁରୁତ୍ୱ ନଦେଇ ଧୀର ମନ ଓ ସ୍ଥିର ଚିନ୍ତନରେ ଅବିଚଳିତ ରହିଲେ ଅବସାଦ ଓ ତଜ୍ଜନିତ ଆତ୍ମହତ୍ୟା ପ୍ରବଣତାକୁ ରୋକାଯାଇପାରିବ । ଅସମୟରେ ନିଜ ଜୀବନସୂର୍ଯ୍ୟକୁ ଅସ୍ତଗାମୀ ହେବାକୁ ନଦେଇ ଧୈର୍ଯ୍ୟର ସହ ମୁକାବିଲା କରିବା ଶିଖିଲେ ଆମ ପାଇଁ ହୁଏତ ସୁଦିନ ଅପେକ୍ଷା କରିଥିବ, ଯାହା ରବର୍ଟ କ୍ଲାଇଭ୍‌ଙ୍କ କ୍ଷେତ୍ରରେ ଘଟିଥିଲା ।

ଯୁଦ୍ଧର ବିଭୀଷିକା ଏବଂ ପରିବେଶ

ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଯୁଦ୍ଧ ସଂଘଟିତ ହେବାର ନିଷ୍ପତି ସମ୍ପର୍କରେ ରାଜନୈତିକ ନେତୃବର୍ଗଙ୍କର ମାନସିକତା ହେଉଛି ରଣନୈତିକ ହିସାବ, ମନସ୍ତାତ୍ତ୍ୱିକ ବିଚାର, ରାଜନୈତିକ ଆବଶ୍ୟକତା ଏବଂ ଆଦର୍ଶଗତ କିମ୍ବା ଆର୍ଥିକ ଲକ୍ଷ୍ୟ ହାସଲର ଏକ ଜଟିଳ ଅନ୍ତଃପ୍ରକ୍ରିୟା । ଯୁଦ୍ଧ ରାଷ୍ଟ୍ରର ଭିତ୍ତିଭୂମିରେ ବ୍ୟାପକ ଧ୍ୱଂସସାଧନ, ଶ୍ରମ ଉତ୍ପାଦକତାରେ ହ୍ରାସ ଏବଂ ଯୋଗାଣ ଶୃଙ୍ଖଳରେ ପ୍ରତିବନ୍ଧ ସୃଷ୍ଟିକରେ, ଯାହା ଉଚ୍ଚ ମୁଦ୍ରାସ୍ଫୀତି ଘଟାଇ ଅର୍ଥନୀତିକୁ ଗୁରୁତର ଭାବରେ ପ୍ରଭାବିତ କରେ । ଏଥିସହିତ ବିଶ୍ୱ ସୁରକ୍ଷା ଗଭୀର ଅସ୍ଥିରତାର ସମ୍ମୁଖୀନ ହୁଏ ଏବଂ ତୀବ୍ରତାପୂର୍ଣ୍ଣ ସଂଘର୍ଷ ଦ୍ୱାରା ଯୁଦ୍ଧ ପ୍ରଭାବିତ ରାଷ୍ଟ୍ରର ଅଧିବାସୀ, ଉଭୟ ସୈନିକ ଏବଂ ସାଧାରଣ ନାଗରିକ, ବହୁସଂଖ୍ୟାରେ ମୃତାହତ ହେବା ସହ ଗୁରୁତର ଜଟିଳ ମାନସିକ ଆଘାତ, ଅବସାଦ ଏବଂ ଦୁଃଖ ମଧ୍ୟରେ ଗତି କରନ୍ତି । ସାମ୍ପ୍ରତିକ ଦୃଶ୍ୟପଟ୍ଟ ରେ, ବିଗତ ଚାରିବର୍ଷ ଧରି ରୁଷ-ୟୁକ୍ରେନ ଯୁଦ୍ଧ ଜାରି ରହିଥିଲାବେଳେ ପରବର୍ତ୍ତୀ ସମୟରେ ଇସ୍ରାଏଲ ହାମାସ୍ ଯୁଦ୍ଧ ଏବଂ ସମ୍ପ୍ରତି ଇସ୍ରାଏଲ-ଆମେରିକା ଏବଂ ଇରାନ ମଧ୍ୟରେ ଜାରି ଯୁଦ୍ଧ ତୀବ୍ରତର ହେବାରେ ଲାଗିଛି, ଯାହା ପଶ୍ଚିମ-ଏସିଆର ଆଂଚଳିକ ସ୍ଥିରତାରେ ଗଭୀର ବ୍ୟାଘାତ ସୃଷ୍ଟି କରୁଛି । ପୁନଶ୍ଚ, ଆଫଗାନିସ୍ତାନର ତାଲିବାନ ଏବଂ ପାକିସ୍ତାନ ମଧ୍ୟରେ ସୀମାପାର ଯୁଦ୍ଧ ତୀବ୍ରତର ହେଉଛି । ନିକଟରେ ଏହି ନାଟକୀୟ ସଂଘର୍ଷରେ ପାକିସ୍ତାନର ବିମାନ ଆକ୍ରମଣରେ କାବୁଲ ସ୍ଥିତ ଏକ ଡାକ୍ତରଖାନାରେ ୪୦୦ରୁ ଅଧିକ ଲୋକ ମୃତ୍ୟୁର ଶିକାର ହୋଇଛନ୍ତି । ଠିକ୍ ସେହିପରି, ମିସାଇଲ୍ ଆକ୍ରମଣରେ ଇରାନର ଏକ ସ୍କୁଲଘର ଧ୍ୱଂସପ୍ରାପ୍ତ ହୋଇ ପ୍ରାୟ ୨୦୦ ଜଣ ଛାତ୍ରୀଙ୍କର ମୃତ୍ୟୁ ହେବାର ଦୁଃଖଦ ଖବର ହସ୍ତଗତ ହୋଇଛି । ଏହା ଉଲ୍ଲେଖନୀୟ ଯେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଏପରି ସଂଘର୍ଷରେ ଜଡ଼ିତ ଦେଶମାନଙ୍କ ସଂଖ୍ୟା ସମ୍ପ୍ରତି ସର୍ବାଧିକ ସ୍ତରରେ ପହଚିଂଛି ଏବଂ ୯୨ଟି ଦେଶ ଏବେ ବିଭିନ୍ନ ଭାବରେ ଅନ୍ତର୍ଜାତୀୟ ସଂଘର୍ଷରେ ଲିପ୍ତ ରହିଛନ୍ତି । ଯୁଦ୍ଧଗ୍ରସ୍ତ ଅଂଚଳରେ ଗୁରୁତର ଖାଦ୍ୟାଭାବ, ବ୍ୟାପକ ବିସ୍ଥାପନ ଏବଂ ନାଗରିକମାନେ ଆକ୍ରମଣର ଶିକାର ହେଉଛନ୍ତି, ଯାହା ବହୁଳ ଭାବରେ ଦୀର୍ଘକାଳୀନ ଗମ୍ଭୀର ସାମାଜିକ, ଅର୍ଥନୈତିକ ଏବଂ ପରିବେଶଜନିତ ସମସ୍ୟା ସୃଷ୍ଟିର କାରଣ ହେଉଛି । ପରିଣାମରେ, ଯୁଦ୍ଧଲିପ୍ତ ରାଷ୍ଟ୍ରମାନଙ୍କର ବିକାଶ ପଶ୍ଚାତ୍ ଦିଗରେ ଗତି କରୁଛି । ତେବେ, ଏହି ପ୍ରବନ୍ଧର ଆଭିମୁଖ୍ୟ ହେଉଛି ସାମ୍ପ୍ରତିକ ଯୁଦ୍ଧ ପରିସ୍ଥିତିରେ ବିଶ୍ୱ ପରିବେଶ କିପରି ବହୁମୁଖୀ ଗମ୍ଭୀର, ନକାରାତ୍ମକ ପ୍ରଭାବର ସମ୍ମୁଖୀନ ହେଉଛି, ଯାହା ଦୀର୍ଘକାଳୀନ ଭିତ୍ତିରେ ଜୀବଜଗତର ବିନାଶ ସାଧନ କରିବ, ତାହାର ଏକ ଠିକ୍ ବିଶ୍ଳେଷଣ କରିବା । ଚଳିତ ଯୁଦ୍ଧ ସ୍ଥଳ-ଭିତ୍ତିକ ସଶସ୍ତ୍ର ସଂଘର୍ଷ ନହୋଇ ମୁଖ୍ୟତଃ ବାୟୁ-ଭିତ୍ତିକ ଆକ୍ରମଣ ଉପରେ ପର୍ଯ୍ୟବସିତ ଅଟେ, ଯେଉଁଥିରେ ବୋମାବର୍ଷୀ ସଶସ୍ତ୍ର ଯାନ, ଯୁଦ୍ଧବିମାନ, ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ପ୍ରଣାଳୀ ଇତ୍ୟାଦିର ବ୍ୟାପକ ବ୍ୟବହାର ଅନ୍ତର୍ଭୁକ୍ତ । ରଣନୈତିକ ବୋମା ମାଡ଼ ଏବଂ କୌଶଳଗତ ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଶତ୍ରୁ ରାଷ୍ଟ୍ରରେ ନିର୍ଦ୍ଦିଷ୍ଟ ଅଂଚଳ, ଅନୁଷ୍ଠାନ, ଶିଳ୍ପ କାରଖାନା, ଯୋଗାଣ ବ୍ୟବସ୍ଥା, ଗମନାଗମନ ଏବଂ ବିବିଧ ଭିତ୍ତିଭୂମି ଉପରେ ଆକ୍ରମଣ କରି ଧ୍ୱଂସସାଧନ କରିବା ଏବଂ ବାୟୁସେନାର ଶ୍ରେଷ୍ଠତା ହାସଲ ହେଉଛି ପ୍ରମୁଖ ଲକ୍ଷ୍ୟ । ଏହି ସଂଘର୍ଷ ପ୍ରକ୍ରିୟାର ପରିଣାମରେ ତତ୍କ୍ଷଣାତ୍ କେତେକ ପରିବେଶୀୟ ବିପର୍ଯ୍ୟୟ ସଂଘଟିତ ହେବା ସହ ଦୀର୍ଘକାଳୀନ କ୍ଷତି ଘଟିବାର ପୃଷ୍ଠଭୂମି ସୃଷ୍ଟିହୁଏ । ଯୁଦ୍ଧର ପରିବେଶଗତ ପ୍ରଭାବ, ବିବିଧ ପ୍ରକାର ପ୍ରଦୂଷଣ, ଜୈବବିବିଧତାର ହ୍ରାସ ଏବଂ ଜଳବାୟୁ ପରିବର୍ତ୍ତନ ତ୍ୱରାନ୍ୱିତ ହେବା ପରି ପ୍ରମୁଖ ଦିଗରୁ ବିଚାର୍ଯ୍ୟ ଅଟେ । ଯୁଦ୍ଧର ସର୍ବାଧିକ କ୍ଷତିକାରକ ପ୍ରଭାବ ହେଉଛି ବାୟୁମଣ୍ଡଳକୁ ପ୍ରଦୂଷକ ପଦାର୍ଥର ବିପୁଳ ନିର୍ଗମନ । ତୈଳଭଣ୍ଡାର, ଗ୍ୟାସ୍ ସଂଚିତ କ୍ଷେତ୍ର, ବିଶୋଧନାଗାର, ଏପରିକି ତୈଳବାହୀ ଜାହାଜ ଉପରେ ବିମାନ ଆକ୍ରମଣ ଫଳରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟୁଛି, ଯାହା ସଲଫର୍ ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍, କଣିକା ପଦାର୍ଥ ଏବଂ ଭାରୀ ଧାତୁ ଭଳି ବିଷାକ୍ତ ପଦାର୍ଥ ନିର୍ଗତ କରୁଛି । ଏସବୁ ପ୍ରଦୂଷକ ବାୟୁ ଗୁଣବତା ହ୍ରାସ କରିବା ସହ ଶ୍ୱାସକ୍ରିୟାଜନିତ ରୋଗ, ଚର୍ମ ଜ୍ୱଳନ ଏବଂ କର୍କଟ ଭଳି ଦୀର୍ଘକାଳୀନ ରୋଗ ସମେତ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିକରେ । ଦୃଷ୍ଟାନ୍ତସ୍ୱରୂପ, ଇରାନୀ ଇନ୍ଧନ ଭଣ୍ଡାର ଉପରେ ଆକ୍ରମଣ ଯୋଗୁଁ ଘନ କଳାଧୂଆଁର ଆସ୍ତରଣ, ତେଲକଣିକା ଏବଂ ବିପଜ୍ଜନକ ରାସାୟନିକ ପଦାର୍ଥ ନିର୍ଗତ ହେଉଛି, ପରିଣାମରେ ପ୍ରଦୂଷିତ କଣିକା ବର୍ଷାଜଳ ସହ ମିଶି 'କଳାବର୍ଷା' ସୃଷ୍ଟିର କାରଣ ହେଉଛି । ଏତଦ୍ ବ୍ୟତୀତ, ଭାରୀ ଅସ୍ତ୍ରଶସ୍ତ୍ରର ବ୍ୟାପକ ବ୍ୟବହାର ଧୂଆଁକୁହୁଡ଼ି (ସ୍ମଗ୍) ଏବଂ ଅମ୍ଳବର୍ଷା ସୃଷ୍ଟିରେ ସହାୟକ ହୁଏ, ଯାହା ଫସଲ, ଜଙ୍ଗଲ, ଜୀବଜନ୍ତୁ ଏବଂ ଜଳ ଉତ୍ସରେ କ୍ଷତି ପହଚାଂଏ । ଏହି ପ୍ରଦୂଷଣ ସ୍ଥାନୀୟ ଅଂଚଳରେ ସୀମିତ ନରହି ପବନ ପ୍ରବାହରେ ରାଷ୍ଟ୍ରୀୟ ସୀମା ଅତିକ୍ରମ କରେ, ଯାହା ମଧ୍ୟପ୍ରାଚ୍ୟର ପଡ଼ୋଶୀ ଦେଶମାନଙ୍କୁ ମଧ୍ୟ ପ୍ରଭାବିତ କରିପାରେ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପରିଣାମ ହେଉଛି ଜଳଉତ୍ସ ଏବଂ ମୃତ୍ତିକା ପ୍ରଦୂଷଣ । ତୈଳ ଭିତିଭୂମି ଉପରେ ବୋମା ମାଡ଼ ଦ୍ୱାରା ପ୍ରାୟତଃ ତେଲ ବିସ୍ତାରିତ ହୋଇ ନଦୀ, ହ୍ରଦ, ଭୂତଳ ଜଳ ଏବଂ କୃଷିଜମିରେ ପ୍ରବେଶ କରେ । ଏହି ହାଇଡ୍ରୋକାର୍ବନ ଜଳୀୟ ପରିସଂସ୍ଥାକୁ ବିଷାକ୍ତ ଏବଂ ମାନବ ବ୍ୟବହାର ନିମନ୍ତେ ଜଳକୁ ଅସୁରକ୍ଷିତ କରିଥାଏ । ସାମୁଦ୍ରିକ ପରିସଂସ୍ଥା ଏବଂ ଏସବୁର ଜୀବଜନ୍ତୁ ମଧ୍ୟ ଏଥିରେ ଯଥେଷ୍ଟ କ୍ଷତିଗ୍ରସ୍ତ ହେଉଛନ୍ତି । ଶିଳ୍ପ ଏବଂ ପରମାଣୁ ସମ୍ବନ୍ଧୀୟ ଉତ୍ସ ଉପରେ ଆକ୍ରମଣ ଦ୍ୱାରା ପରିବେଶକୁ ରେଡିଓଆକ୍ଟିଭ୍ ଏବଂ ବିଷାକ୍ତ ରାସାୟନିକ ପଦାର୍ଥ ମୁକ୍ତ ହେବାର ଆଶଙ୍କା ରହିଛି । ପ୍ରଦୂଷଣକାରୀ ପଦାର୍ଥ ମୃତିକାରେ ଦୀର୍ଘ ବର୍ଷ ଧରି ଜମିରହି ଚାଷଜମିକୁ ଅନୁପଯୁକ୍ତ ଏବଂ ଖାଦ୍ୟ ସୁରକ୍ଷାକୁ ବିପନ୍ନ କରିପାରେ । ସଦ୍ୟ ରିପୋର୍ଟ ସୂଚିତ କରେ ଯେ, ଇରାନରେ ବିସ୍ଫୋରଣ ଏବଂ ତୈଳଇନ୍ଧନର କ୍ଷରଣ ସହରାଂଚଳର ଚତୁର୍ଦ୍ଦିଗରେ ମୃତିକା ଏବଂ ଜଳ ଯୋଗାଣକୁ ପ୍ରଦୂଷିତ କରିବା ଆରମ୍ଭ କରିସାରିଛି । ଭିତ୍ତିଭୂମି ନଷ୍ଟହେବା ଦ୍ୱାରା ବିପୁଳ ପରିମାଣରେ ବିପଦପୂର୍ଣ୍ଣ ଭଗ୍ନାବଶେଷ ସୃଷ୍ଟି ହେଉଛି, ଯେଉଁଥିରେ ଆଜବେଷ୍ଟସ୍, ଭାରୀ ଧାତୁ ଏବଂ ରାସାୟନିକ ଅବଶିଷ୍ଟାଂଶ ଭଳି ବିଷାକ୍ତ ପଦାର୍ଥ ରହିଥାଏ । ଠିକ୍‌ରୂପେ ପରିଚାଳିତ ନହେଲେ ଏହା ଦୀର୍ଘକାଳୀନ ପରିବେଶୀୟ ଅବକ୍ଷୟକୁ ଆହୁରି ତ୍ୱରାନ୍ୱିତ କରେ । ସଂଘର୍ଷର ପରିଣାମରେ ପ୍ରାକୃତିକ ବାସସ୍ଥଳୀରେ ବ୍ୟାପକ ଧ୍ୱଂସ ସାଧିତ ହେଉଛି । ବୋମା ମାଡ଼, ଅଗ୍ନିକାଣ୍ଡ ଏବଂ ସାମରିକ ଅଭିଯାନ ଜଙ୍ଗଲ, ଆର୍ଦ୍ରଭୂମି ଏବଂ କୃଷିଜମିକୁ କ୍ଷତିଗ୍ରସ୍ତ କରୁଛି । ବନ୍ୟଜନ୍ତୁମାନେ ତୁରନ୍ତ ମୃତ୍ୟୁର ଶିକାର ହେଉଛନ୍ତି ଅଥବା ପଳାୟନ କରିବାକୁ ବାଧ ହେଉଛନ୍ତି, ଯାହାଦ୍ୱାରା ପ୍ରାକୃତିକ ପରିବେଶ ଏବଂ ଖାଦ୍ୟଶୃଙ୍ଖଳ ବାଧାପ୍ରାପ୍ତ ହେଉଛି । ଇରାନ ଓ ଇସ୍ରାଏଲ ଉଭୟରେ, କ୍ଷେପଣାସ୍ତ୍ର ମାଡ଼ ଏବଂ ପ୍ରତିଶୋଧମୂଳକ ଆକ୍ରମଣ ଯୋଗୁଁ ସହରାଂଚଳ ଏବଂ ଗ୍ରାମାଂଚଳରେ ଅଗ୍ନିଜନିତ ଘଟଣା ବୃଦ୍ଧିପାଉଛି ଏବଂ ଜଙ୍ଗଲରେ ନିଆଁ ବ୍ୟାପୁଛି, ଯାହା ଉଦ୍ଭିଦ ତଥା ବନ୍ୟପ୍ରାଣୀଙ୍କ ବାସସ୍ଥଳୀକୁ ନଷ୍ଟଭ୍ରଷ୍ଟ କରୁଛି । ସାମରିକ ଧ୍ୱଂସଲୀଳା ଏବଂ ନିଆଁର ପ୍ରକୋପରେ ପରିସଂସ୍ଥାର ବିଖଣ୍ଡନ ଜୀବଜାତିମାନଙ୍କର ପୁନରୁଦ୍ଧାର କ୍ଷମତାକୁ ଆହୁରି ସଂକୁଚିତ କରେ । ଜୈବବିବିଧତାର ହ୍ରାସନ ଦୀର୍ଘକାଳୀନ ସମସ୍ୟା ସୃଷ୍ଟିକରେ, କାରଣ ପରିବେଶଗତ ପରିବର୍ତ୍ତନ ଦ୍ୱାରା ପରିସଂସ୍ଥାମାନଙ୍କର ସ୍ଥିରତା ହ୍ରାସପାଏ । ପ୍ରମୁଖ ଜୀବଜାତିଙ୍କର ବିଲୋପ ପରିବେଶୀୟ ସନ୍ତୁଳନକୁ ବିପର୍ଯ୍ୟସ୍ତ କରେ, ଯାହାର ପ୍ରଭାବ କୃଷି, ଜଳ ପ୍ରଣାଳୀ ଏବଂ ମାନବ ଜୀବିକା ଉପରେ ଅନୁଭୂତ ହୁଏ । ଯୁଦ୍ଧ ପରିସ୍ଥିତି ବିଶ୍ୱ ଜଳବାୟୁ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ସାମରିକ କାର୍ଯ୍ୟକଳାପରେ ବିମାନ, ଟ୍ୟାଙ୍କ, ନୌସେନା ଜାହାଜ ଏବଂ ଲଜିଷ୍ଟିକ୍ସ ଦ୍ୱାରା ପ୍ରଚୁର ପରିମାଣର ଜୀବାଶ୍ମ ଇନ୍ଧନ ବ୍ୟବହାର ହୁଏ, ଯାହାର ଦହନରେ ଯଥେଷ୍ଟ ମାତ୍ରାର ସବୁଜଗୃହ (ଗ୍ରୀନହାଉସ୍) ଗ୍ୟାସ୍ ବାୟୁମଣ୍ଡଳକୁ ନିର୍ଗତ ହୁଏ । ଏହା ସହିତ ତୈଳକୂପ ଓ ଭଣ୍ଡାର ଏବଂ ଶିଳ୍ପସଂସ୍ଥାମାନ ନିଆଁରେ ଜଳିବା ଦ୍ୱାରା ବହୁ ପରିମାଣରେ ଅଙ୍ଗାରକାମ୍ଳ ଏବଂ କଳା ଅଙ୍ଗାରକ (କାର୍ବନ୍) ନିର୍ଗତ ହୁଏ, ଯାହା ବିଶ୍ୱ ତାପମାତ୍ରା ବୃଦ୍ଧିରେ ସହାୟକ ହୁଏ । ଏପରି ସଂଘର୍ଷ ଉପରେ ହୋଇଥିବା ପୂର୍ବର ଅଧ୍ୟୟନ ସୂଚାଏ ଯେ, ସମଗ୍ର ଦେଶମାନଙ୍କରୁ ନିର୍ଗତ ହେଉଥିବା ବିଷାକ୍ତ ବାଷ୍ପ ସହ ଯୁଦ୍ଧକାଳୀନ ନିର୍ଗମନ ସମାନ ହୋଇପାରେ । ବର୍ତ୍ତମାନର ସଂଘର୍ଷରେ ଶକ୍ତି ଭିତ୍ତିଭୂମି ଅଧିକ ଧ୍ୱଂସପ୍ରାପ୍ତ ହେଉଥିବାରୁ ଏହା ବିଶେଷ କ୍ଷତିକାରକ ସାଧିତ ହେଉଛି, କାରଣ ଏଥିରେ ବିଶାଳ ପରିମାଣରେ ଜୀବାଶ୍ମ ଇନ୍ଧନର ଦହନ ଘଟି ପ୍ରଦୂଷଣକୁ ମାତ୍ରାଧିକ କରୁଛି । ଅଧିକନ୍ତୁ, ଯୁଦ୍ଧ ପରବର୍ତ୍ତୀ ସମୟରେ ସହରାଂଚଳ, ଶିଳ୍ପ ଏବଂ ଭିତ୍ତିଭୂମିର ପୁନଃନିର୍ମାଣ ନିମନ୍ତେ ଯଥେଷ୍ଟ ଶକ୍ତି ଏବଂ ସମ୍ବଳର ବିନିଯୋଗ ଆବଶ୍ୟକ ହେବ, ଯାହା ଦୀର୍ଘକାଳୀନ ଭାବରେ ଆହୁରି ନିର୍ଗମନ ବୃଦ୍ଧି କରିବ । ଯୁଦ୍ଧର ପରିବେଶୀୟ ପ୍ରଭାବ କେବଳ ସଂଘର୍ଷ କ୍ଷେତ୍ର ବା ରାଷ୍ଟ୍ର ମଧ୍ୟରେ ସୀମିତ ରହେନାହିଁ । ତୈଳ ଓ ଗ୍ୟାସ୍ ଉତ୍ପନ୍ନ କ୍ଷେତ୍ର ତଥା ଏସବୁର ପରିବହନ ମାର୍ଗ ଭଳି ପ୍ରମୁଖ ଶକ୍ତି ଭିତ୍ତିଭୂମି ଧ୍ୱଂସ ହେବା ବିଶ୍ୱ ଶକ୍ତି ବଜାରକୁ ବାଧାପ୍ରାପ୍ତ କରୁଛି ଏବଂ ବିକଳ୍ପ ଜୀବାଶ୍ମ ଇନ୍ଧନ ଉତ୍ସ ଉପରେ ନିର୍ଭରଶୀଳତା ବୃଦ୍ଧିପାଉଛି । ଏହି ଘଟଣା ନବୀକରଣୀୟ ଶକ୍ତିକ୍ଷେତ୍ରରେ ବୈଶ୍ୱିକ ପରିବର୍ତ୍ତନକୁ ବିଳମ୍ବିତ ଏବଂ ସାମଗ୍ରିକ ଅଙ୍ଗାରକ ନିର୍ଗମନକୁ ବୃଦ୍ଧି କରିପାରେ । ପାରସ୍ୟ ଉପସାଗର ଭଳି ରଣନୈତିକ ଜଳପଥରେ ତୈଳ ବିସ୍ତାରିତ ହେବା ମଧ୍ୟ ସାମୁଦ୍ରିକ ପରିସଂସ୍ଥାକୁ ବିପଦରେ ପକାଉଛି, ଯାହା ଜଳୀୟ ଜୀବ, ମତ୍ସ୍ୟଜୀବୀ ଏବଂ ଉପକୂଳବର୍ତ୍ତୀ ସମ୍ପ୍ରଦାୟଙ୍କୁ ପ୍ରଭାବିତ କରୁଛି । ଏଥିସହିତ ବାୟୁ ଓ ଜଳ ପ୍ରଦୂଷଣ ରାଷ୍ଟ୍ରୀୟ ସୀମା ଲଙ୍ଘନ କରି ଏହି ଆଂଚଳିକ ସଂଘର୍ଷକୁ ଏକ ବ୍ୟାପକ ପରିବେଶୀୟ ସଙ୍କଟରେ ପରିଣତ କରୁଛି । ମାନବ ଜାତିକୁ ଗମ୍ଭୀରତାର ସହ ହୃଦୟଙ୍ଗମ କରିବାକୁ ପଡ଼ିବ ଯେ, ସାମ୍ପ୍ରତିକ ଯୁଦ୍ଧର ଗୁରୁତର ପରିବେଶୀୟ ପ୍ରଭାବ ଯୁଦ୍ଧକ୍ଷେତ୍ର ବାହାରେ ଗ୍ରହର ଦୂରଦୂରାନ୍ତକୁ ପ୍ରସାରିତ ହେଉଛି । ବିଷାକ୍ତ ବାୟୁ ଓ ଦୂଷିତ ଜଳଠାରୁ ଆରମ୍ଭ କରି ଜୈବବିବିଧତାର ଅବକ୍ଷୟ ଏବଂ ଜଳବାୟୁ ପରିବର୍ତ୍ତନ ପର୍ଯ୍ୟନ୍ତ, ପରିବେଶଗତ ପରିଣାମ ତୁରନ୍ତ ତଥା ଦୀର୍ଘସ୍ଥାୟୀ ପ୍ରଭାବ ବିସ୍ତାର କରୁଛି । ଶକ୍ତି ଭିତିଭୂମିର ବିନାଶ ଏହି ପ୍ରଭାବଗୁଡ଼ିକୁ ବ୍ୟାପକ କରୁଛି, ଯାହା ଯୁଦ୍ଧ ପରିସ୍ଥିତିରେ ଏକ ନିରବ କିନ୍ତୁ ବିପଜ୍ଜନକ କ୍ଷତିସାଧନରେ ବ୍ରତୀ ରହିଛି । ଏହି ପ୍ରଭାବଗୁଡ଼ିକର ସମାଧାନ ନିମନ୍ତେ କେବଳ ସଂଘର୍ଷ ପରବର୍ତ୍ତୀ ସଫେଇ ଏବଂ ପୁନରୁଦ୍ଧାର ଯଥେଷ୍ଟ ନୁହେଁ । ବରଂ, ବିପର୍ଯ୍ୟୟ ସୃଷ୍ଟିକାରୀ ଏହି ସଶସ୍ତ୍ର ସଂଘର୍ଷର ତ୍ୱରିତ୍ ଅନ୍ତ ଘଟାଇ ଶାନ୍ତି ପ୍ରତିଷ୍ଠା ନିମନ୍ତେ ବିଶ୍ୱ ନେତୃବର୍ଗ ବିଜ୍ଞତା ପ୍ରଦର୍ଶନପୂର୍ବକ ଆଲୋଚନା ମାଧ୍ୟମରେ ସ୍ଥାୟୀ ସମାଧାନ ଦିଗରେ ଦୃଢ଼ ଅନ୍ତର୍ଜାତୀୟ ପ୍ରୟାସ ଜାରି ରଖିବା ଏକାନ୍ତ ପ୍ରୟୋଜନୀୟ ।

ସମସ୍ତଙ୍କ ପାଇଁ ବିକାଶ ଓ ସଂକଳ୍ପର ଯାତ୍ରା

ଗରିବ, ନିଷ୍ପେସିତଙ୍କ ଠାରୁ ଆରମ୍ଭ କରି ସମାଜର ସବୁଠୁ ଶେଷ ଧାଡ଼ିରେ ଥିବା ଅବହେଳିତ ଲୋକଙ୍କୁ ବିକାଶର ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଭାରତ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଫ୍ଲାଗସିପ କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏବଂ ଏସବୁ ଯୋଜନାର ସଫଳ ରୂପାୟନ ନିଶ୍ଚିତ କରାଇବା ସକାଶେ ଆରମ୍ଭ ହୋଇଛି ବିକଶିତ ଭାରତ ସଂକଳ୍ପ ଯାତ୍ରା। ଭାରତ ସରକାର କେନ୍ଦ୍ର ଶାସିତ ଅଂଚଳ ଏବଂ ରାଜ୍ୟ ଗୁଡ଼ିକର ସହଯୋଗରେ ବିଭିନ୍ନ ଫ୍ଲାଗସିପ ଯୋଜନାର ସଫଳ ରୂପାନ୍ତର ତଥା ଠିକଣା କାର୍ଯ୍ୟକାରିତା ପାଇଁ ଏବେ ମିଶନ ଧାରାରେ କାମ ଆରମ୍ଭ କରିଛନ୍ତି। ପରିମଳ ସୁବିଧା ଅତ୍ୟାବଶ୍ୟକ ଆର୍ଥିକ ସେବା, ଏଲପିଜି ସଂଯୋଗ ସୁବିଧା, ଗରିବଙ୍କ ପାଇଁ ଘର, ଖାଦ୍ୟ ନିରାପତ୍ତା, ଉପଯୁକ୍ତ ପୁଷ୍ଟି, ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟସେବା, ସ୍ୱଚ୍ଛ ପାନୀୟ ଜଳ, ଗୁଣାତ୍ମକ ଶିକ୍ଷା ଭଳି ଫ୍ଲାଗସିପ କାର୍ଯ୍ୟକ୍ରମ ଗରିବ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ଉଦ୍ଦିଷ୍ଟ। ସମସ୍ତ ଯୋଗ୍ୟ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ହିତାଧିକାରୀଙ୍କ ନିକଟରେ ଏସବୁ ସେବା ଯେପରି ନିଶ୍ଚିତ ପହଚିଂପାରିବ ସେଥିପାଇଁ ମିଶନ ମୋଡ଼ରେ ଏହାକୁ କାର୍ଯ୍ୟକାରୀ କରାଯାଉଛି। ସମାଜର ତୃଣମୂଳସ୍ତରରେ ସବା ଶେଷ ଲୋକ ପାଖରେ ଯେପରି ଏସବୁ ମୌଳିକ ସେବା ପହଚିଂପାରିବ ସେଥିପାଇଁ ବିଭିନ୍ନ ଯୋଜନାର ଉପକାରିତା ଏବଂ ଏଥିରେ ଉପଲବ୍ଧ ସୁବିଧା ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଉଛି। ବିକଶିତ ଭାରତ ସଂକଳ୍ପ ଯାତ୍ରାର ମୂଳ ଆଭିମୁଖ୍ୟ ହେଲା ଅପହଂଚଙ୍କ ନିକଟରେ ପହଚିଂବା। ଯେଉଁମାନେ ସରକାରଙ୍କ ବିଭିନ୍ନ ସ୍କିମରେ ଯୋଜନାର ସୁଫଳ ପାଇବାକୁ ହକଦାର ଏବଂ ଯୋଗ୍ୟ କିନ୍ତୁ ଏପର୍ଯ୍ୟନ୍ତ ପାଇପାରିନାହାନ୍ତି ସେମାନଙ୍କ ନିକଟରେ ପହଚିଂବା, ବିଭିନ୍ନ ଯୋଜନା ବାବଦରେ ସଚେତନତା ସୃଷ୍ଟି କରିବା ଏବଂ ସୂଚନା ପ୍ରଦାନ କରିବା ଏ କାର୍ଯ୍ୟକ୍ରମର ଲକ୍ଷ୍ୟ। ନାଗରିକ ବା ହିତାଧିକାରୀଙ୍କ ଠାରୁ ସେମାନଙ୍କ ବ୍ୟକ୍ତିଗତ ଅନୁଭୂତି ବା ପ୍ରତିକ୍ରିୟା ଜାଣିବା ଏବଂ ଆବଶ୍ୟକ ସ୍ଥଳେ ଯୋଗ୍ୟ ହିତାଧିକାରୀଙ୍କ ପଞ୍ଜୀକରଣ କରିବା ମଧ୍ୟ ଏହି ଯାତ୍ରାର ଉଦ୍ଦେଶ୍ୟ। ଜନଜାତୀୟ ଗୌରବ ଦିବସ ଅବସରରେ ଏହି ଯାତ୍ରା ଆରମ୍ଭ ହୋଇଥିଲା। ଅଧିକ ଆଦିବାସୀ ଜନସଂଖ୍ୟା ଥିବା ଜିଲ୍ଲା ଗୁଡ଼ିକରେ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଭ୍ରାମ୍ୟମାଣ ଯାନ ଜରିଆରେ ଏ ବିଷୟରେ ଲୋକଙ୍କୁ ସଚେତନ କରାଯିବା ପ୍ରକ୍ରିୟା ଜାରି ରହିଛି। ଦେଶର ସବୁଜିଲ୍ଲାକୁ ଏହିଯାତ୍ରା ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯିବାର ଲକ୍ଷ୍ୟ ରହିଛି। ଓଡ଼ିଶାରେ ନଭେମ୍ବର ୧୫ ବିର୍ସାମୁଣ୍ଡା ଜୟନ୍ତୀରୁ ଆରମ୍ଭ ହୋଇଥିବା ବିକଶିତ ଭାରତ ସଂକଳ୍ପ ଯାତ୍ରା ଆଦିବାସୀ ଅଧ୍ୟୁଷିତ କୋରାପୁଟ, ମାଲାକାନାଗିରି, କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ବେଶ ସଫଳ ହୋଇଛି।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ଫାର୍ମରୋଡ଼ସ୍ଥିତ ସିଟି ସେଂଟର ମଲ ପରିସରରେ ଅଗ୍ନିଶମ ବିଭାଗ ଓ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ମକ୍ ଡ୍ରିଲ ଓ ସଚେତନତା କାର୍ଯ୍ୟକ୍ରମ

ଡାକ୍ତରୀ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

ସମ୍ବଲପୁର,୧/୪(ନି/ପ୍ର):ବୁର୍ଲା ଭୀମସାରରେ ଜଣେ ପିଜି ପ୍ରଥମବର୍ଷର ଛାତ୍ରୀଙ୍କ ଜୀବନ ହାରିବା ଉଦ୍ୟମ। ଛାତ୍ରୀ ଜଣକ ୩୦ଟି ବଟିକା ଖାଇ ଜୀବନ ହାରିବା ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ ଗୁରୁତର ହେବାରୁ ତାଙ୍କୁ ଆଇସିସିୟୁ ଭର୍ତି କରାଯାଇଛି। ଏହି ଘଟଣାକୁ ସ୍ୱୀକାର କରିଛନ୍ତି ଭାରପ୍ରାପ୍ତ ନିର୍ଦ୍ଦେଶକ ଲାଲ ମୋହନ ନାୟକ। ନିର୍ଦ୍ଦେଶକ କହିଛନ୍ତି ଯେ, କାଲି ତାଙ୍କର ଡାଇଲେସିସ କରାଯାଇଥିଲା । ଏବେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହିଥିବା ନେଇ କହିଛନ୍ତି। ଡ୍ୟୁଟିକୁ ନେଇ ଅଭିଯୋଗ କରିଥିବା ନେଇ କଥା ଶୁଣିବାକୁ ମିଳିଛି। ଘଟଣା ସମ୍ପର୍କରେ ବିଭାଗୀୟ ମୁଖ୍ୟଙ୍କ ସହ ମଧ୍ୟ ଆଲୋଚନା ହୋଇଛି। ସମ୍ପୂର୍ଣ୍ଣ ସୁସ୍ଥ ହେଲା ପରେ କେଉଁ କାରଣରୁ ପାଇଁ ଏପରି କଲେ ଜଣାପଡିବ।

ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଶୁଣାଣୀ

କେନ୍ଦ୍ରାପଡ଼ା,୧/୪(ନି/ପ୍ର): ମାର୍ଶାଘାଇ ବ୍ଲକ ସଭାଗୃହରେ ସୋମବାର କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କକ୍ଷଟାରିଆଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ସାମୂହିକ ଅଭିଯୋଗ ୨୧ ଏବଂ ୬୫ଟି ଅଭିଯୋଗର ଶୁଣାଣି କରିଥିଲେ। ମଙ୍ଗରାଜପୁର ପଂଚାୟତର ମାର୍କେଟ କମ୍ପ୍ଲେକ୍ସ ହସ୍ତାନ୍ତର କରିବାକୁ ଠିକାଦାରକୁ ନିର୍ଦ୍ଦେଶ ଦେବାକୁ ସରପଂଚଙ୍କ ପ୍ରତିନିଧି ଦାବୀ କରିଥିଲେ। ପାଇଲୋ- ନଛିପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ମରାମତି କରିବା ପାଇଁ ଅନ୍ତେଇ ସରପଂଚ ସଞ୍ଜୟ କୁମାର ସେଠୀ ଦାବୀ କରିଥିଲେ। ଜାତୀୟ ରାଜପଥ ୫୩ର ଦୁହୁରିଆରେ ମାର୍ଶାଘାଇକୁ ଦୂରତା ଚିହ୍ନଟ ବୋର୍ଡ ଲଗାଇବା, ହଜାରୀ ଛକରୁ ସର୍ଭିସ ରୋଡ଼ ଆରମ୍ଭରେ ମାର୍ଶାଘାଇକୁ ରାସ୍ତା ଚିହ୍ନଟ ବୋର୍ଡ ଲଗାଇବା ସହିତ କେନାଲବ୍ରିଜ ଠାରେ ମହାକାଳପଡ଼ା, ଜମ୍ବୁ, ହୁକିଟୋଲା ରାସ୍ତା ଚିହ୍ନଟ ବୋର୍ଡ, ହଳଦିଆଗଡ଼ା ଠାରେ ପାଟକୁରା, ଗରଦପୁରକୁ ରାସ୍ତା ଓ ଦୂରତାବୋର୍ଡ ଲଗାଇବା ପାଇଁ ପଦକ୍ଷେପ ନେବାକୁ ବିଚିତ୍ରାନନ୍ଦ ବେହେରା ଅଭିଯୋଗ କରିଥିଲେ। ଲୁଣାନଦୀଶାଖାର ମାର୍ଶାଘାଇବଙ୍ଗଳା ପାଖରେ ଗାଧୁଆତୁଠ ଏବଂ ତୁଠ ପାଖକୁ ଗଡ଼ା ନିର୍ମାଣ ପାଇଁ କୁମ୍ଭାରସାହିର ମହିଳାମାନେ ଦାବୀ କରିଥିଲେ। ବ୍ୟକ୍ତିଗତ ଅଭିଯୋଗରେ ଆବାସ ଯୋଜନା, ରାସନକାର୍ଡ, ଭତା ଆଦି ରହିଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ସିଡିଓ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ବିଡ଼ିଓ ପଂଚାନନ ମଲ୍ଲିକ, ତହସିଲଦାର ଶ୍ରୀକାନ୍ତ ପରିଜା, ପଂଚାୟତ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଏସଡିପିଓ ଜ୍ୟୋତି ରଞ୍ଜନ ଗୌଡା, ସହକାରୀ ଉପଜିଲ୍ଲାପାଳ ସରୋଜ ବେହେରା ମଂଚାସିନ ଥିଲେ। ସିଡିଏମଓ ଡ଼ ମନୋଜ ରାଉତ ଟାଟାପାୱାର ମ୍ୟାନେଜର ବସନ୍ତ କୁମାର ଦାସ, ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସାଧିକାରୀ ପ୍ରଭାଜନ କବି, ଜିଲ୍ଲା ଶିକ୍ଷକ୍ଷଧିକାରୀ ପବିତ୍ର ମୋହନ ବାରିକ, କୃଷି ବିଭାଗର ମାର୍ଶାଘାଇ ବ୍ଲକଅଧିକାରୀ ପ୍ରମୋଦିନୀ ପ୍ରଧାନ, ସିଡିପିଓ ଶୈଳବାଳା ଚାଷୀ, ଜଳ ପରିମଳ ଯନ୍ତ୍ରୀ ରାଜେନ୍ଦ୍ର ସିଂ, ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ସାରଦା ଭୂଷଣ ରାୟ, ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ଏବିଇଓ ବିଆରସିସି ସୁଶାନ୍ତ କୁମାର ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସଂପ୍ରଦା ପ୍ରତିଯୋଗିତା

ସମ୍ବଲପୁର,୧/୪(ନି/ପ୍ର): ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡର ଆନୁକୁଲ୍ୟରେ ଅନୁଷ୍ଠିତ ସଂପ୍ରଦା ପ୍ରତିଯୋଗିତାରେ ଆଠଟି ଦଳ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ କପିଳ ସାହୁ, ହେମନ୍ତ ମହାପାତ୍ର, ରଞ୍ଜନ ସାହୁ ଏବଂ ପ୍ର.କାମଦେବ ସାହୁ ବିଚାରଣା କରିଥିଲେ । ଏହି ପ୍ରତିଯୋଗିତାରେ ବଡ଼ଧରା ସମ୍ପ୍ରଦା ଦଳ ପ୍ରଥମ, ଅମ୍ବାପାଲି ଦଳ ଦ୍ୱିତୀୟ ଓ ଦୟାଡେରା ଦଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥଲେ । ସମସ୍ତ ସହଭାଗୀ ଦଳଙ୍କୁ ଦୁଇ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଓ ସମସ୍ତ ଦଳକୁ ଗସ୍ତ ଖର୍ଚ ଟ୍ରଷ୍ଟ ବୋର୍ଡ ତରଫରୁ ପ୍ରଦାନ କରାଯାଇଛି । ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ କୁମାର ବାବୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ, ସଦସ୍ୟ ପ୍ରଫୁଲ୍ଲ ହୋତା ସଂଯୋଜକ ଭାବରେ କାର୍ଯ୍ୟ କରିଥିଲେ। ଏହି ଅବସରରେ ଡ଼ ଶ୍ୟାମ ସୁନ୍ଦର ଧରଙ୍କ ସହିତ ସଦସ୍ୟ ହେମନ୍ତ ମିଶ୍ର, ସନ୍ତୋଷ ପୃଷ୍ଟେଠ, ଦେବ କୁମାର ଆଜମେରିଆ ଓ ଇଓ ବିଚିତ୍ରାନନ୍ଦ ଆଚାର୍ଯ୍ୟ ସଂଯୋଜନା କରିଥିଲେ । ଏହି ଅବସରରେ ସଭାପତି ଶ୍ରୀ ବାବୁ ନିଜ ଅଭିଭାଷଣରେ କହିଥିଲେ ଯେ, ଏପରି କାର୍ଯ୍ୟକ୍ରମ ଆମ ସାଂସ୍କୃତିକ ଐତିହ୍ୟକୁ ଅଗାମୀ ପିଢ଼ୀ ପର୍ଯ୍ୟନ୍ତ ପହଚାଂଇବାରେ ଏକ ମୁଖ୍ୟ ମାଧ୍ୟମ।

ବନବିଭାଗ କାର୍ଯ୍ୟାଳୟ ପଛପଟେ ଦନ୍ତାହାତୀ

ଘୁ.ଉଦୟଗିରି,୧/୪(ନି/ପ୍ର): କନ୍ଧମାଳଜିଲ୍ଲା ଘୁ.ଉଦୟଗିରି ଅଚଂଳରେ ଦୁଇ ଦନ୍ତା ହାତୀ ସାରା ଅଚଂଳ ବୁଲିବୁଲି ଲୋକଙ୍କ ନିଦ ହଜେଇ ଦେଲେଣି। କେତେବେଳେ କେଉଁ ଜଙ୍ଗଲକୁ ଯାଉଛି କେଉଁଠି ରହୁଛି ତାର ଖୋଜ ଖବର୍ ବନବିଭାଗ ପାଇପାରୁନି। ବାଟ ବଣା ହୋଇ ବୁଲିଲା ଭଳି ବୁଲୁଛି। ଆଖି ପିଛୁଳାକେ ଜାଗା ବଦଳେଇ ଦେଉଛି। କିଛି ଦିନ ବ୍ୟବଧାନରେ ଦନ୍ତା ତିନି ଜଣଙ୍କ ଜୀବନ ନେଇସାରିଲାଣି। ଉତ୍ତର ଘୁମୁସର ବନଖଣ୍ଡରୁ କଳିଙ୍ଗା ସେକ୍ସନ ଜଙ୍ଗଲରେ ପ୍ରବେଶ କରି କଳିଙ୍ଗା ସେକ୍ସନର ବିଭିନ୍ନ ଜଙ୍ଗଲ ବୁଲିବା ସହ ପାବୁରିଆ ସେକ୍ସନ ଜଙ୍ଗଲ, ବୁଲିବୁଲି ଗତରାତିରେ ରଟିଙ୍ଗିଆ ପଚାଂୟତର ମଗରଗୁଡ଼ା ଜଙ୍ଗଲରେ ଥିବା ଖବର ପାଇ ବନବିଭାଗ କର୍ମଚାରୀ ପହଟିଂ ହାତୀ ଖୋଜିଲା ବେଳକୁ ହାତୀ ଆସି ରଟିଙ୍ଗିଆ ସଂରକ୍ଷିତ ଜଙ୍ଗଲରେ ପଶି ସହରର ୪ନଂ ୱାର୍ଡ ସ୍ଥିତ ଶ୍ରୀରାମପଦା ଠାରେ ଅବସ୍ଥିତ ବନବିଭାଗ କାର୍ଯ୍ୟାଳୟ ପଛପଟେ ଭୋର ସମୟରେ ରହିଥିବା ବେଳେ ବନବିଭାଗ କର୍ମଚାରୀ ମଗରଗୁଡା ଜଙ୍ଗଲରର ହାତୀକୁ ଖୋଜିଲା ବେଳେ ଚତୁର ହାତୀ ନିଜ ଜାଗା ଛାଡି ସହରମୁହାଁ ହୋଇଯାଇଛି। ବନବିଭାଗ କର୍ମଚାରୀଙ୍କ ନିଦ ହଜେଇ ଦେଲାଣି ଜଙ୍ଗଲୀ ଦନ୍ତା। ହାତୀ ସହର ମୁହାଁ ହେବା ପରେ ବନବିଭାଗ ତତ୍ପରତା ଦେଖେଇ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ସାରା ଅଚଂଳରେ ଲୋକଙ୍କୁ ସଚେତନ କରିବା ସହ ଜଙ୍ଗଲକୁ ନଯିବାକୁ ବାରଣ କରିଛି। ଅନ୍ୟପକ୍ଷରେ ହାତୀ ଥିବା ସ୍ଥାନ ପାଖାପାଖି ବହୁ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ଥିବା ବଳେ ଲୋକଙ୍କ ଯାତାୟତ ରହୁଛି। ଏଣୁ ହାତୀ କେତେବେଳେ କେଉଁ ଆଡ଼େ ଆସିଯିବ ତା ପ୍ରତି ସତର୍କତା ଅବଲମ୍ବନ କରିବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଛି ବନବିଭାଗ।

ମାଲ୍ୟବନ୍ତ କାର୍ଯ୍ୟରତ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ଉଦଘାଟନ ଓ ସାଧାରଣ ଅଧିବେଶନ

ମାଲକାନଗିରି,୧/୪(ନି/ପ୍ର): ମାଲକାନଗିରି ଜିଲ୍ଲାରେ ନୂତନ ଭାବେ ଗଠନ ହୋଇଥିବା ମାଲ୍ୟବନ୍ତ କାର୍ଯ୍ୟରତ ସାମ୍ବାଦିକ ସଂଘର କାଯ୍ୟାଳୟ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ଦ୍ୱାରା ଗତକାଲି ଉଦଘାଟିତ ହୋଇ ଯାଇଛି। ପରେ ସଂଘର ସଭାପତି ସୀମାଂଚଳ ପାଣିଗ୍ରାହିଙ୍କ ଅଧ୍ୟକ୍ଷତାରେ ସାଧାରଣ ଅଧିବେସନ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ପୂର୍ବତନ ବିଧାୟକ ମାନସ ମାଡକାମି, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ପୌର ପରିଷଦ ଉପାଧ୍ୟକ୍ଷା କବିତା ମହନ୍ତ, ଜିଲ୍ଲା ବ୍ୟବସାୟ ସଂଗଠନ ସଭାପତି ସୁରେଶ କୁମାର ସୋମାନୀ, ମାଲକାନଗିରି ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ସଭାପତି ଦେବ ପ୍ରସାଦ ଦାସ, ମଂଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥି ଙ୍କ ଦ୍ୱାରା ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ଦୀପ ପ୍ରଜ୍ଜଳନ କରା ଯାଇଥିଲା !ଅତିଥିମାନେ ନିଜ ନିଜ ଅଭିଭାଷଣରେ ଦେଶ ସ୍ୱାଧୀନ ହେବାଠାରୁ ଆଜି ପର୍ଯ୍ୟନ୍ତ ଗଣମାଧ୍ୟମର ଭୂମିକା ସମ୍ବନ୍ଧରେ ବକ୍ତବ୍ୟ ଦେବା ସହ ଦେଶ, ରାଜ୍ୟ ଓ ଜିଲ୍ଲାର ପ୍ରଗତିରେ ଟିକିନିଖି ଖବର ପ୍ରକାଶ କରି ଜିଲ୍ଲା ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ମାଲକାନଗିରି ଜିଲ୍ଲାର ଏହି ସଂଗଠନ ଆଗାମୀ ଦିନରେ ଚତୁର୍ଥସ୍ତମ୍ଭର ଦାୟିତ୍ୱ ଏବଂ ଗୁରୁତ୍ୱ ଉପଲବ୍ଧି କରି ନିରପେକ୍ଷ ଖବର ପରିବେଷଣ କଲେ ଜିଲ୍ଲା ଆଗାମୀ ଦିନରେ ପ୍ରଗତି ପଥରେ ଆଗେଇବ । ଏହା ଏକ ସ୍ୱୀକୃତିପ୍ରାପ୍ତ ସଂଘ ହୋଇଥିବାରୁ ପ୍ରଶାସନ ଏବଂ ସଂଘ ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ସରକାରଙ୍କ ଦୃଷ୍ଟିକୁ ଆଣିବା ସହ ସମାଧାନରେ ପ୍ରମୁଖ ଭୂମିକା ଗ୍ରହଣ କରିବେ । ଏହି କାର୍ଯ୍ୟକ୍ରମରେ ୫୦ରୁ ଉର୍ଧ ଗଣମାଧ୍ୟମ ପ୍ରତିନିଧି ଙ୍କ ସହ ବିଭିନ୍ନ ଅନୁଷ୍ଠାନର ୨୦୦ରୁ ଉର୍ଧ ବୁଦ୍ଧିଜୀବି ଅଂଶଗ୍ରହଣ କରିଥିଲେ। ନୂତନ ସଦସ୍ୟ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଏବଂ ଉତରୀୟ ପ୍ରଦାନ କରା ଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଘର କୋଷାଧ୍ୟକ୍ଷ ସତ୍ୟନାରାୟଣ ଦାସ, ଉପଦେଷ୍ଟା ଦୁର୍ଯ୍ୟୋଧନ ପାତ୍ର, ଉପସଭାପତି ସୁଶାନ୍ତ କୁମାର ସାମଲ, ଯୁଗ୍ମ ସମ୍ପାଦକ ଅପୂର୍ବ ଥଣ୍ଡର, କାର୍ଯ୍ୟାଳୟ ସମ୍ପାଦକ ବସନ୍ତ କୁମାର ଜେନା, ଅନିଲ କୁମାର ମହାନ୍ତି, ରଶ୍ମିତା ଧନିଆ, ସୁଶାନ୍ତ କୁମାର ମଣ୍ଡଳ, ବଲାଇ ବାବାଲି, ସଞ୍ଜୟ ଅଧିକାରୀ, କଲ୍ୟାଣ ରାୟ, ସତ୍ୟନାରାୟଣ ଗୋଲରି, ଅବିନାଶ ମଣ୍ଡଳ, ମ୍ରିଗାଙ୍କ ମିସ୍ତ୍ରୀ, ଜଗଦିଶ ରାଓ, ସ୍ନେହା ମହାନ୍ତି, ପରିଚାଳନା କରିଥିବା ବେଳେ ସଂଘର ସମ୍ପାଦକ ତ୍ରିଲୋଚନ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଭିଜିଲାନ୍ସ ଜାଲରେ ଓପିଏଚ୍‌ଡବ୍ଲୁସି ଡେପୁଟି ମ୍ୟାନେଜର

ସମ୍ବଲପୁର,୧/୪(ନି/ପ୍ର): ଭିଜିଲାନ୍ସ ଜାଲରେ ପୁଲିସ ବିଭାଗର ଆଉ ଏକ ବଡ଼ ଅଧିକାରୀ ଧରାଦେଇଛନ୍ତି। ଲାଂଚ ଟଙ୍କା ସଂଗ୍ରହ କରି ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଓପିଏଚ୍‌ଡବ୍ଲୁସିର ଡେପୁଟି ମ୍ୟାନେଜର ବିଦ୍ୟୁତ୍ ରଞ୍ଜନ ଭୋଇଙ୍କ ନିକଟରୁ ନଗଦ ୫ଲକ୍ଷ ଟଙ୍କା ଜବତ କରିଛି। ଏହାପରେ ତାଙ୍କର ଘର ଓ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରାଯାଇ ପ୍ରାୟ ୪୦ଲକ୍ଷ ଟଙ୍କା ନଗଦ ଜବତ କରାଯାଇଛି। ସୂଚନାନୁସାରେ, ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ୱାରେଟଂ ବଳରେ ଭିଜିଲାନ୍ସ ଟିମ୍ ସମ୍ବଲପୁର ରେଳ ଷ୍ଟେସନ୍‌ରେ ଅଟକାଇ ଯାଚଂ କରିଥିଲେ। ଶ୍ରୀଭୋଇଙ୍କ ନିକଟରୁ ୫ଲକ୍ଷ ଟଙ୍କା ନଗଦ ମିଳିଥିଲା। ଏହି ଟଙ୍କାର ସେ ଲାଚଂ ନେଇଥିବା ସନ୍ଦେହ କରାଯାଉଛି। ଏହାପରେ ତାଙ୍କର ସମ୍ବଲପୁର, ଭୁବନେଶ୍ୱର ଓ ଭଞ୍ଜନଗର ଥିବା ବାସଭବନରେ ଚଢ଼ାଉ କରାଯାଇଛି। ଭୁବନେଶ୍ୱରର ରସୁଲଗଡ଼ ଠାରେ ଥିବା ପୁଲିସ କଲୋନୀର କ୍ୱାଟର ନଂ ଭି/୧୬ ବାସଭବନରୁ ୫ଲକ୍ଷ ଟଙ୍କା ନଗଦ ମିଳିଥିବା ବେଳେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ବିଡିଏ ହାଉସିଂ ବୋର୍ଡର ଏମ୍‌ଆଇଜି କଲୋନୀରେ ଥିବା ତାଙ୍କ ଭଉଣୀଙ୍କ ଘରୁ ୭୦ଟି ୫୦୦ଟଙ୍କିଆ ନୋଟ୍ ବିଡ଼ା ଜବତ ହୋଇଛି।

ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ଭୁବନ, ୧/୪(ନି/ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନର ପୁରାତନ ଶିକ୍ଷାନୁଷ୍ଠାନ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ହୃଷୀକେଶ ସାହୁଙ୍କ ଅଧ୍ୟକ୍ଷତା ଓ ବରିଷ୍ଠ ଶିକ୍ଷୟିତ୍ରୀ ମମତା ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ତଥା ବିଦ୍ୟାଳୟର ଉପଦେଷ୍ଟା ବାଳକୃଷ୍ଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବିଦ୍ୟାଳୟରେ ଆଧ୍ୟାତ୍ମିକ, ଯୋଗ, ଗୁଣାତ୍ମକ, ସଂସ୍କାର ଶିକ୍ଷା ସହିତ ଦେଶପ୍ରେମ ଶିକ୍ଷା ଦିଆ ଯାଉଥିବାରୁ ଅରବିନ୍ଦ ଶିକ୍ଷାକେନ୍ଦ୍ର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବୋଲି କୁହାଯାଏ । ଏହି ଶିକ୍ଷାକେନ୍ଦ୍ରରେ ଅଭିଜ୍ଞ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଦ୍ୱାରା ଉନ୍ନତ ମାନର ଶିକ୍ଷା ଦିଆଯାଉଥିବାରୁ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି ବୋଲି ମୁଖ୍ୟ ଅତିଥି ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ଉପ ସଭାପତି ବ୍ରହ୍ମାନନ୍ଦ ସାହୁ ଓ ସମ୍ମାନିତ ଅତିଥି

କୃଷକ କଲ୍ୟାଣ ମଂଚ, କୋରାପୁଟ ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଜୟପୁର,୧/୪(ନି/ପ୍ର): କୃଷକ କଲ୍ୟାଣ ମଂଚ ତରଫରୁ କୋରାପୁଟ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦନ କରାଯାଇଛି। ମଂଚର ସମ୍ପାଦକ ନରେଦ୍ର ପ୍ରଧାନ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଦାବି ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଚଳିତ ରବି ଋତୁରେ ଦାନ ବିକ୍ରି ସକାଶେ ସମୟ ସୀମାର ସ୍ୱଷ୍ଟତା ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବିବରଣୀ ପ୍ରଦାନରେ ବିଳମ୍ବ ଯୋଗୁଁ ବହୁ ଚାଷୀ ପଞ୍ଜିକରଣ କରି ପାରି ନାହାନ୍ତି। ଏଣୁ ପଞ୍ଜିକରଣର ସମୟ ସୀମା ବୃଦ୍ଧି କରାଯାଉ। ବାରମ୍ବାର ରବି ଓ ଖରିଫରେ ପଞ୍ଜିକରଣ କରାନଯାଇ କେବଳ ଆପଣଙ୍କ ଓ ସଂଶୋଧନ ସ୍ଥଳେ ପଞ୍ଜିକରଣ କରାଯାଉ। ତତ୍‌ସହିତ ବଂଶାନୁକ୍ରମିକ ପ୍ରଥା ଉଚ୍ଛେଦ କରାଯାଉ। ଅଭିଯୋଗ ନଥିବା ସ୍ଥଳେ ଘୋଷଣାନାମା ଦ୍ୱାରା ପଞ୍ଜିକୃତ କରାଯାଉ। ଆର୍.ଏମ୍.ସି. ଓ କାର୍ଯ୍ୟକାରୀ ସଂସ୍ଥାର ଦାୟିତ୍ୱ, କର୍ତବ୍ୟ କ'ଣ ପ୍ରତ୍ୟେକ ମଣ୍ଡିରେ ଡିସ୍‌ପ୍ଲେ ସୂଚନା ଫଳକ, ପୋଷ୍ଟର, ବ୍ୟାନର, ବିଜ୍ଞାପନ ମାଧ୍ୟମରେ ତଥା ଚାଷୀଙ୍କୁ ତାଲିମ ଶିବିର କରି ତଥ୍ୟ ପ୍ରଦାନ କରାଯାଉ। ଏଫ୍.ଏ.କ୍ୟୁ.(ସାଧାରଣ ମାନର ଧାନ)ର ସମ୍ପୂର୍ଣ୍ଣ ବିବରଣୀ ଶତାଂଶ ପରିବର୍ତେ କେ.ଜି. ରେ ପରିବର୍ତନ କରି କେତେ ଖରାପ ଧାନ ଥିଲେ ଏଫ୍.ଏ.କ୍ୟୁ.ହୋଇ ପାରିବ ବ୍ୟାନର ଦ୍ୱାରା ପ୍ରଦର୍ଶିତ କରାଯିବା ସହିତ ଚାଷୀଙ୍କ ସଂଶୟ ଦୂର କରାଯାଉ। ମଣ୍ଡିରେ ନିୟୋଜିତ ଅଧିକାରୀଙ୍କ ନାମ, ପଦବୀ, ମୋବାଇଲ୍ ନମ୍ବର, ପ୍ରତ୍ୟେକ ମଣ୍ଡିରେ ପ୍ରଦର୍ଶିତ କରାଯାଉ। ମଣ୍ଡିରେ କେଉଁ କେଉଁ ମିଲରଙ୍କୁ ଧାନ ଉଠାଣ ଓ ମାସ୍ କେତେ ପରିମାଣରେ ଦିଆଯାଇଛି, କେତେ ଧାନ ବର୍ତମାନ ସୁଦ୍ଧା ଉଠାଇଛନ୍ତି ଓ ବଳକା ମାସ୍ କେତେ ରହିଛି ତାରିଖ ଅନୁଯାୟୀ ପ୍ରଦର୍ଶିତ କରାଯାଉ। ମିଲରଙ୍କ ଦୌରାତ୍ମ୍ୟ ବନ୍ଦ କରାଯାଉ। ମଣ୍ଡିଗୁଡ଼ିକୁ ସଂପୂର୍ଣ୍ଣ ରୂପେ ଦଲାଲ ମୁକ୍ତ କରାଯିବା ସହିତ ଚାଷୀଙ୍କ ଆୟର ଅଧା ଖାଇ ଆଉଥଇବା ଦଲାଲଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଗତ ଖରିଫ ଓ ରବି ମଣ୍ଡିରେ ଡି.ଏଲ୍.ପି.ସି. ବୈଠକ ନିଷ୍ପତି ଓ ନୀତି ନିର୍ଦ୍ଧାରଣ ଅନୁସାରେ ଖାଲି ଅଖା ବାବଦକୁ ଅର୍ଥ(ପ୍ରାୟ ୨ କୋଟିରୁ ଉର୍ଦ୍ଧ) ଚାଷୀଙ୍କୁ ତୁରନ୍ତ ପ୍ରଦାନ କରାଯାଉ ଓ ମଣ୍ଡିରେ ସମସ୍ତ ହ୍ୟାଣ୍ଡଲି କାର୍ଯ୍ୟ ଚାଷୀ କରିଥିବାରୁ ଉକ୍ତ ଅର୍ଥ ରେଡକ୍ରସକୁ ପ୍ରଦାନ କରାଯାଉ। ଜିଲ୍ଲାରେ ସୋଲାର୍ ପ୍ରକଳ୍ପ, ଚୀରସ୍ରୋତ ଏମ୍‌ଆଇପିସିଆଇପିଡବ୍ଲ୍ୟୁଏଚ୍‌ଏସ୍, ଓପେନ ୱେଲଲ ଓ ପୋଖରୀ ଦ୍ୱାରା ଚାଷ ହେଉଥିବା ଧାନ ଜମିର ପଞ୍ଜିକରଣ ସୁଯୋଗ ଦିଆଯାଉ। ଆର୍.ଏମ୍.ସି. ଓ କ୍ରୟକାରୀ ସଂସ୍ଥା ନିଜର ଦାୟିତ୍ୱ କିପରି ତୁଲାଇବେ ପ୍ରଶାସନ ଗୁରୁତ୍ୱ ଦିଅନ୍ତୁ। ଜିଲ୍ଲାରେ ଥିବା ସମସ୍ତ ବଡ଼ ଓ ଛୋଟ ନଦୀମାନଙ୍କରେ ଖରାଦିନେ କିପରି ଜଳ ସଂରକ୍ଷଣ କରି କୃଷି, ପାନୀୟ ଜଳ ସକାଶେ ବ୍ୟବହୃତ ହୋଇ ପାରିବ ସେଥିସକାଶେ ଜଳ ସମ୍ପଦ ବିଭାଗ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରି କାର୍ଯ୍ୟକାରିତା କରନ୍ତୁ। ଆଗାମୀ ଡି.ଏଲ୍.ପି.ସି. ବୈଠକରେ ଚାଷୀଙ୍କୁ ଭାଗ ନେବାର ସୁଯୋଗ ଦିଆଯାଉ। ଖରିଫ ଋତୁ ପୂର୍ବରୁ ସମସ୍ତ ଲ୍ୟାମ୍ପରେ ସାର ମହଜୁଦ ରଖାଯାଉ। ତତ୍ ସହିତ କୋଲାବ କେନାଲର ପାଣି ବର୍ତମାନ ବହୁ ଜମିକୁ ପାଣି ମାଡି ନପାରିବାରୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ତେଣୁ ଏହାର ପ୍ରତିକାର କରାଯାଉ। ବୋଲି କୃଷକ କଲ୍ୟାଣ ମଂଚର ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନ ଦାବି କରିଛନ୍ତି।



ରାଇଘରଠାରେ ଜଙ୍ଗଲ ନିଆଁ ନିୟନ୍ତ୍ରଣ ଓ ନିବାରଣ ନିମନ୍ତେ ସଚେତନତା ଶିବିର



ରାଇଘର,୧/୪(ନି/ପ୍ର):ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସ୍ଥିତ ରାଇଘର ବନାଚଂଳ ପକ୍ଷରୁ ଆଜି ବନାଚଂଳ ସ୍ତରୀୟ ଜଙ୍ଗଲ ନିଆଁର ନିୟନ୍ତ୍ରଣ ଓ ନିବାରଣ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ଆୟୋଜିତ ଉକ୍ତ ବୈଠକରେ ମୁଖ୍ୟ ଅଥିତି ଭାବେ ସାଂସଦ ପ୍ରତିନିଧି ପ୍ରିତିସିଗ୍ଧା ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧିକାରୀ ସୁଶ୍ରୀ ରିତୁ ସିଂ,ରାଇଘର ବନାଚଂଳ ଅଧିକାରୀ ଏମଡି ସମୋଦ,ଅଗ୍ନିଶମ ଆଧିକାରୀ,କେନ୍ଦୁ ଲିପି ଅଧିକାରୀ,ଭିଏସଏସ. କମିଟି ସଭାପତି ସଦ୍ୟସ ଓ ବନାଚଂଳ ସମସ୍ତ ଅଧିକାରୀ ମଚାଂସିନ ରହିଥିଲେ ।କାର୍ଯ୍ୟକ୍ରମକୁ ଆମ ଜଙ୍ଗଲ ଯୋଜନା ଅଧିକାରୀ ସରୋଜ ଦଳେଇ ପରିଚାଳନା ପରିଚାଳନା କରିଥିଲେ ।ଦିନକୁ ଦିନ ରାଜ୍ୟର ଜଙ୍ଗଲ ଦ୍ରୁତ ଗତିରେ ନଷ୍ଟ ହେବାକୁ ବସିଥିବା ବେଳେ ଜଙ୍ଗଲ ନିଆଁ ଏହାର ଏକ ପ୍ରମୁଖ କାରଣ ପାଲଟିଛି ।ଜନସାଧାରଣଙ୍କ ସଚେତନତା ହିଁ ଜଙ୍ଗଲ ରକ୍ଷା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିବ ଏକଥାକୁ ହୃଦୟଙ୍ଗମ କରି ଓଡିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ନ୍ତନ ବିଭାଗ ଏଭଳି ଏକ ପଦକ୍ଷେପ ନେଇଥିବା ବିଭାଗୀୟ ଅଧିକାରୀମାନେ ନିଜ ନିଜ ଅବିଭାଷଣରେ ଉପସ୍ଥିତ ଜନସାଧାରଣଙ୍କୁ ଜଣେଇବା ସହିତ ଜଙ୍ଗଲରେ ଯଦି ନିଆଁ ବ୍ୟାପେ ତେବେ କିଭଳି ତାକୁ ନିୟନ୍ତ୍ରଣ କରିବେ ଓ ଜଙ୍ଗଲ ତଥା ଜଙ୍ଗଲରେ ବସବାସ କରୁଥିବା ଯିବଜନ୍ତୁ ମାନଙ୍କୁ ମୃତ୍ୟୁ ମୁଖରୁ ରକ୍ଷା କରିପାରିବେ ସେ ଉପରେ ପ୍ରଶିକ୍ଷଣ ଦେଇଥିଲେ ।

ପ୍ରଶାସନ ପକ୍ଷରୁ ରାଉରକେଲାରେ ଓଡିଶା(ଉତ୍କଳ) ଦିବସ ପାଳନ ସମାରୋହ

ରାଉରକେଲା,୧/୪(ନି/ପ୍ର): ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବାର ଆଜି ୯୦ ବର୍ଷ ପୂରଣ ହେବା ସହିତ ପ୍ରଦେଶର ନାମ ପରିବର୍ତନ ହୋଇ ଓଡିଶା ହୋଇଛି। ୧୯୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ନବଗଠିତ ହୋଇଥିଲା। ଆଜି ଓଡିଶା ୯୧ତମ ଜୟନ୍ତୀ ପାଳନ ସହିତ ଓଡିଶା(ଉତ୍କଳ) ଦିବସ ପାଳନ କରୁଛି। ଆଜି ରାଉରକେଲା ପ୍ରଶାସନ ପକ୍ଷରୁ ମହାଆଡମ୍ବରରେ ଓଡ଼ିଶା ଦିବସ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନାଃ ଦସ୍ତଗୀରଙ୍କ ସହ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି, ଉତ୍କଳର ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଗଜପତି କୃଷ୍ଣ ଚନ୍ଦ୍ର ଗଜପତିଙ୍କ ସମେତ ଅନ୍ୟାନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତି ନିକଟରେ ସମବେତ ଜନତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଲିଖିତ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଆଜି ଓଡିଶା ଦିବସ ପାଳନ ସମାରୋହରେ ସହରର ବିଭିନ୍ନ ସାଂସ୍କୃତିକ, ସାମାଜିକ ଓ ଶିକ୍ଷା ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ଦିବସର ବିଷୟବସ୍ତୁକୁ ଆଧାର କରି ପ୍ରଜ୍ଞାପନ ମେଢ଼ର ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି ଆକର୍ଷଣୀୟ ଶୋଭାଯାତ୍ରା ଉଦିତନଗର ଆମ୍ବେଦକର ଛକରୁ ବାହାରି ଡେଲି ମାର୍କେଟ, ପ୍ଲାଂଟସାଇଟ୍, ରାଉରକେଲା ରେଳଷ୍ଟେସନ୍ ସମ୍ମୁଖ ମଧୁସୂଦନ ମାର୍ଗ ମଧୁସୂଦନ ଦାସଙ୍କ ପ୍ରତିମୂର୍ତିନିକଟରେ ଶେଷ ହୋଇଥିଲା। ଓଡିଶା ଦିବସ ଅବସରରେ ଉତ୍କଳର ବରପୁତ୍ର ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ପୁରୋଧା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ ମୁଖ୍ୟ ଅତିଥି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନାଃ ଦସ୍ତଗୀର, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ରାଉରକେଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ସୀମା ଫାତିମା ଏକ୍କା ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ।

ଜାତୀୟ ଶକ୍ତି ଉତୋଳନ ପ୍ରତିଯୋଗିତାରେ ୨ଟି ନୂତନ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଲେ ଆକାଂକ୍ଷା

ରାଉରକେଲା,୧/୪(ନି/ପ୍ର): ମାର୍ଚ୍ଚ ୨୪ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ମେଙ୍ଗାଲୁର ଠାରେ ଆୟୋଜିତ ହୋଇଥିବା ସିନିୟର୍ ଜାତୀୟ ଶକ୍ତି ଉତୋଳନ ପ୍ରତିଯୋଗିତାରେ ଆକାଂକ୍ଷା ପରିଡ଼ାଙ୍କ ସ୍ୱର୍ଣ୍ଣପଦକ ହାସଲ ସହ ଦୁଇଟି ନୂତନ ରେକର୍ଡ ସୃଷ୍ଟି ହୋଇଛି। ଓଡିଶା ରାଉରକେଲା ସହରର କୋଏଲନଗର ନିବାସୀ ସୁଭେନ୍ଦ୍ର ପରିଡ଼ାଙ୍କ ଅଲିଅଳି ଝିଅ ଆକାଂକ୍ଷା ପରିଡ଼ା ମେଙ୍ଗାଲୁର ଠାରେ ଆୟୋଜିତ ହୋଇଥିବା ସିନିୟର୍ ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ କମାଲ ଦେଖାଇଛନ୍ତି ଓଡ଼ିଆ ଝିଅ ଆକାଂକ୍ଷା। ପ୍ରଥମ ଥର ଓଡ଼ିଶାରୁ ପ୍ରତିନିଧିତ୍ୱ କରି ଓଡ଼ିଶା ପାଇଁ ସ୍ୱର୍ଣ୍ଣ ପଦକ ସହ ନୂତନ ରେକର୍ଡ କରିବା ଆକାଂକ୍ଷାକୁ ଉତ୍ସାହିତ କରିଛି। ଆକାଂକ୍ଷା ସ୍କୁଆଟରେ ୨୧୧ କିଲୋ, ବେଂଚ ପ୍ରେସରେ ୯୫ କିଲୋ ଏବଂ ଡେଡ୍ ଲିଫ୍ଟରେ ୧୭୨.୫ କିଲୋ ସମୁଦାୟ ୪୭୮.୫ କିଲୋ ଉଠାଇ ଓଡ଼ିଶା ପାଇଁ ସ୍ୱର୍ଣ୍ଣ ପଦକ ଜିତିବା ସହିତ ପୂର୍ବର ରେକର୍ଡ ସ୍କୁଆଟରେ ୨୧୦ କିଲୋ ଓ ସମୁଦାୟ ୪୫୭.୫ କିଲୋ ଥିବା ଜୁନିୟର ଓ ସିନିୟର୍ ରେକର୍ଡକୁ ଭାଙ୍ଗି ଯଥାକ୍ରମେ ୨୧୧ ଓ ୪୭୮.୫ କିଲୋ ଉଠାଇ ନୂତନ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି।ଆକାଂକ୍ଷାଙ୍କ କୋଚ୍ ବ୍ରହ୍ମପଦ ବେହେରାଙ୍କ ସଫଳ ପ୍ରଶିକ୍ଷଣ ଆଜି ଓଡ଼ିଶାକୁ ଗର୍ବିତ କରିବା ସହିତ ରାଉରକେଲାକୁ ମଧ ଗୌରବାନିତ୍ୱ କରିଛି। ଆକାଂକ୍ଷା ମାତ୍ର ୨୦ ବର୍ଷ ବୟସରେ ଏଭଳି ସଫଳତା ପାଇଥିବାରୁ ପରିବାରର ସମସ୍ତ ସଦସ୍ୟ କୋଚ୍ ବ୍ରହ୍ମପଦଙ୍କୁ ସାଧୁବାଦ ଜଣାଇଛନ୍ତି। ୩୧ ମାର୍ଚ୍ଚ ଅପରାହ୍ନରେ ଆକାଂକ୍ଷା ରାଉରକେଲା ପହଚିଂଲାପରେ ପରିବାରଗଣ ଓ କୋଚଙ୍କ ପକ୍ଷରୁ ତାଙ୍କୁ ରାଉରକେଲା ରେଳ ଷ୍ଟେସନରେ ଏକ ଭବ୍ୟ ସ୍ୱାଗତ କରାଯାଇଥିଲା। କୋଚ୍ ଆକାଂକ୍ଷାଙ୍କ ଏହି ସଫଳତାକୁ ନେଇ କୁହନ୍ତି ଯେ, ଗତ ଦୁଇ ବର୍ଷ ହେଲା ଆକାଂକ୍ଷା ନିଷ୍ଠାର ସହିତ ନିଜର ବ୍ୟକ୍ତିଗତ କାର୍ଯ୍ୟକୁ ସମୟ ଦେଇ ଯେଁଉଭଳି ଭାବରେ ଶକ୍ତି ଉନ୍ତୋଳନକୁ ସଂଘର୍ଷର ସହିତ ଲଢ଼ି ଏଭଳି ସଫଳତା ହାସଲ କରିଛନ୍ତି, ଏହା ନିଶ୍ଚିତ ଅନ୍ୟ ଖେଳାଳୀଙ୍କୁ ପ୍ରେରଣା ଯୋଗାଇବା ସହିତ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିବ। ଆକାଂକ୍ଷାଙ୍କ ଏଭଳି ସଫଳତା ତାଙ୍କୁ ଆଗକୁ ଅଧିକ ପ୍ରଶିକ୍ଷଣ ପାଇଁ ପ୍ରେରଣା ଯୋଗାଇବ।

ସେକ୍ଟର-୧୯ ଥାନାରେ ଆମ ପୁଲିସର ବୈଠକ

ରାଉରକେଲା,୧/୪(ନି/ପ୍ର): ସେକ୍ଟର -୧୯ ଥାନା ପକ୍ଷରୁ ଆମ ପୁଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ପ୍ରଭାରୀ ବୈଦ୍ୟନାଥ ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂତନ ଭାବେ ଯୋଗଦେଇଥିବା ଜୋନାଲ ଡିଏସପି ମନୋରଞ୍ଜନ ପ୍ରଧାନ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଆମ ପୁଲିସ ର ସଦସ୍ୟ ମାନଙ୍କୁ ସମ୍ବୋଧିତ କରିଥିଲେ। ଆମ ପୁଲିସର ବରିଷ୍ଠ ସଦସ୍ୟ ଡ ସୁମନ ଦନ୍ନଙ୍କ ସ୍ୱାଗତ ଭାଷଣ ଓ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଶ୍ରୀ ପ୍ରଧାନ ଆମ ପୁଲିସର ଆଭିମୁଖ୍ୟ, ଆମ ପୁଲିସର ଅର୍ଥ ଆମର ପୁଲିସ,ସାଇବର ଠକେଇ ରୁ ବଚିଂବା ପାଇଁ ପ୍ରୟାସ,ଟ୍ରାଫିକ ନିୟମ ପାଳନ, ଆବଶ୍ୟକ ସ୍ଥଳେ ୧୧୨ କୁ କଲ୍ କରିବା ଓ ଲୋକଙ୍କ କଥା ଶୁଣିଲେ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ଦୂରତା କମିବ ବୋଲି ମତ ରଖିଥିଲେ। ଆବାହକ ଥାନା ପ୍ରଭାରୀ ଶ୍ରୀ ସାହୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ପାରିବାରିକ ହିଂସା ଆଇନ ତଥା ୩ଟି ନୂତନ ନିୟମ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଆସନ୍ତା ୬ ତାରିଖ ଦିନ ସେକ୍ଟର ୨୦ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଆମ ପୁଲିସ ର ଏକ ସଚେତନତା ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ବରିଷ୍ଠ ସଦସ୍ୟ ଡ ଦନ୍ନ ତାଙ୍କ ବକ୍ତବ୍ୟରେ ପୁଲିସ ଓ ଜନସାଧାରଣଙ୍କ ମିଳିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିବା ସହ ବିଭିନ୍ନ ପ୍ରସଂଗ ଉତ୍ଥାପନ କରିଥିଲେ। ଶେଷରେ ଅନ୍ୟତମ ସଦସ୍ୟ କୁଞ୍ଜବିହାରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଥାନା ପକ୍ଷରୁ ଏସଆଇ ଦୁର୍ଯୋଧନ ପ୍ରଧାନ, ଏସଆଇ ରାଜେଶ ବେହେରା,ଏଏସଆଇ ମନୋରଞ୍ଜନ ପରିଡା, ସୁରେଶ ଦାସ, ଆମ ପୁଲିସ ତରଫରୁ ନିହାର ଦାସ, ସନ୍ତୋଷ ସ୍ୱାଇଁ, ସୁବାସ ଗୁପ୍ତା, ଚନ୍ଦ୍ରକାନ୍ତ ସାହୁ, ମନୋଜ ନାୟକ,ସମସାଦ ଆଲାମ, ଶ୍ୟାମସୁନ୍ଦର ସ୍ୱାଇଁ, ମନୋରମା ସାହୁ, ପ୍ରମୋଦ କୁମାର ଭଞ୍ଜ, ଅରୁଣ ସିଂ,ଅଜୟ ବେହେରା, ନିଳାଦ୍ରୀ ପ୍ରସାଦ, ହେମନ୍ତ ଦାସ,ସୁନିଲ ନାୟକ,ଏସ ଜୟକୃଷ୍ଣ, ଜଗନ୍ନାଥ ରାୟ, ରାଜେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ରାଉରକେଲା ରିଜର୍ଭ ପୋଲିସ୍ ପଡିଆରେ ୯୧ତମ ପୋଲିସ୍ ପ୍ରତିଷ୍ଠା ଦିବସ

ରାଉରକେଲା,୧/୪(ନି/ପ୍ର): ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଆଜି ୯୧ତମ ଜୟନ୍ତୀ ପାଳନ କରାଯାଉଛି। ୧୯୩୬ ଅପ୍ରେଲ ୧ ତାରିଖ ଦିନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଅର୍ଥାତ୍ ଆଜିର ଓଡିଶା ପ୍ରଦେଶ ଗଠନ ହୋଇଥିଲା। ଏଥିସହିତ ଓଡିଶା ପୋଲିସ୍ ବାହିନୀର ମଧ୍ୟ ଗଠନ କରାଯାଇଥିଲା। ଆଜି ଓଡିଶା ପୋଲିସ୍ ୯୧ତମ ବର୍ଷରେ ପଦାର୍ପଣ କରିବା ସହିତ ୯୧ତମ ପୋଲିସ୍ ପ୍ରତିଷ୍ଠା ଦିବସ ପାଳନ କରୁଛି। ୯୧ତମ ପୋଲିସ୍ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆଜି ରାଉରକେଲା ସଂରକ୍ଷିତ ଆରକ୍ଷୀ କାର୍ଯ୍ୟାଳୟ ପଡିଆରେ ମିଳିତ ପ୍ୟାରେଡ୍ ଅନୁଷ୍ଠିତ ହୋଇଥିଲା। ଏହି ପ୍ୟାରେଡରେ ୫ ପ୍ଲାଟୁନ୍ ପୋଲିସ ଫୋର୍ସ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ପଶ୍ଚିମାଚଂଳ ଆରକ୍ଷୀ ଉପ-ମହାନିରୀକ୍ଷକ ବ୍ରିଜେଶ କୁମାର ରାୟ ଏବଂ ସମ୍ମାନୀୟ ଅତିଥି ଭାବେ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ ଯୋଗଦେଇ ୯୧ତମ ପୋଲିସ ପ୍ରତିଷ୍ଠା ଦିବସ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ। ୯୧ତମ ପୋଲିସ୍ ପ୍ରତିଷ୍ଠା ଦିବସର ମିଳିତ ପ୍ୟାରେଡ ପରେ ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜକିଶୋର ମିଶ୍ରଙ୍କ ତତ୍ତ୍ୱାବଧାନରେ ପଶ୍ଚିମାଚଂଳ ଆରକ୍ଷୀ ଉପ-ମହାନିରୀକ୍ଷକ ବ୍ରିଜେଶ କୁମାର ରାୟ ୯୧ତମ ପୋଲିସ୍ ପ୍ରତିଷ୍ଠା ଦିବସ ଅବସରରେ ଓଡିଶା ରାଜ୍ୟପାଳ ହରିବାବୁ କମ୍ଭମପତିଙ୍କ ବାର୍ତ୍ତା ପାଠ କରିଥିଲେ। ଏଥିସହିତ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ୯୧ତମ ପୋଲିସ୍ ପ୍ରତିଷ୍ଠା ଦିବସ ଅବସରରେ ଦେଇଥିବା ବାର୍ତା ମଧ ପଠନ କରିଥିଲେ। ୯୧ତମ ପୋଲିସ୍ ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଉରକେଲା ପୋଲିସ୍ ଜିଲ୍ଲାରେ ଉତମ କାର୍ଯ୍ୟ ଦକ୍ଷତା ପାଇଁ ୧୫ ଜଣ ପୋଲିସ୍ ଅଧିକାରୀ ଓ ପୋଲିସ କର୍ମଚାରୀଙ୍କୁ ପୁରସ୍କୃତ କରାଯିବା ସହ ସେମାନଙ୍କୁ ମାନପତ୍ର ଏବଂ ନଗଦ ଅର୍ଥରାଶି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଏହି ୧୫ ଜଣ ପୋଲିସଙ୍କ ମଧ୍ୟରେ ପୋଲିସ୍ ଏସ୍ଆଇ ଅର୍ଜୁନ ସେଠୀ, ଏଏସ୍ଆଇ ରତିରଞ୍ଜନ ସାମଲ, ହାବିଲଦାର ଦିନେଶ ଚନ୍ଦ୍ର ନାୟକ, କନେଷ୍ଟବଲ ଭାଗୀରଥି ହେମ୍ବ୍ରମ, ଟ୍ରାଫିକ୍ କନେଷ୍ଟବଲ ଅର୍ଚ୍ଚନା ଏକ୍କା, କନେଷ୍ଟବଲ ବିକାଶ କୁମାର ନାୟକ, ରେଳବାଇ ପୋଲିସ (ଜିଆଇପି) ଏସ୍ଆଇ ଦୀପକ କୁମାର ମାଝି, ରେଳବାଇ ପୋଲିସ୍ ଏଏସ୍ଆଇ ସୁନୀଲ କୁମାର ତାରିଣୀ, ରେଳବାଇ ହାବିଲଦାର କୃଷ୍ଣ ଚନ୍ଦ୍ର ପୃଷ୍ଟି, ରେଳବାଇ କନେଷ୍ଟବଲ ଆନନ୍ଦ କୁମାର ନାୟକ, ରେଳବାଇ କନେଷ୍ଟବଲ ପ୍ରଶାନ୍ତ କୁମାର ଜେନା, ଓଏସ୍ଏପି (ଆର୍ମଡ୍) ଏସ୍ଆଇ ଅମୀୟ କୁମାର ପଟ୍ଟନାୟକ, ଓଏସ୍ଏପି ମେଜର ରାଜେଶ ଗୁରୁଙ୍ଗ୍, ଓଏସ୍ଏପି ହାବିଲଦାର ପୁଲିନ୍ କୁମାର ସାହୁ, ଓଏସ୍ଏପି କନେଷ୍ଟବଲ ପ୍ରବୁରାମ ପ୍ରଧାନ ପ୍ରମୁଖ ରହିଛନ୍ତି। ୯୧ତମ ପୋଲିସ୍ ପ୍ରତିଷ୍ଠା ଦିବସରେ କାର୍ଯ୍ୟଦକ୍ଷତା ପାଇଁ ପୁରସ୍କାର ପ୍ରଦାନ ପରେ, ପ୍ୟାରେଡର ପରିସମାପ୍ତି କରାଯାଇଥିଲା। ପଶ୍ଚିମାଚଂଳ ଆରକ୍ଷୀ ଉପ-ମହାନିରୀକ୍ଷକ ବ୍ରିଜେଶ କୁମାର ରାୟ, ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ ଏବଂ ସମ୍ମାନୀୟ ଅତିଥି ବିଚାରବିଭାଗର ବିଚାରପତି ପ୍ରମୁଖଙ୍କ ଗହଣରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଘଉଉ), ଦକ୍ଷତା ବିକାଶ ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ପ୍ରଶିକ୍ଷାର୍ଥୀ ଛାତ୍ରଛାତ୍ରୀଙ୍କ ସହ ଫଟୋ ଉତୋଳନ କରିଥିଲେ।

ରୋଟାରୀ କ୍ଲବ ଡିଜି ଅନିଲ ଜୟସ୍ୱାଲଙ୍କ ଅଫିସିଆଲ୍ ଗ୍ରସ୍ତ

ରାଉରକେଲା,୧/୪(ନି/ପ୍ର): ରୋଟାରୀ କ୍ଲବର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଅନିଲ ଜୟସ୍ୱାଲ ରାଉରକେଲା କୁ ଅଫିସିଆଲ୍ ଗ୍ରସ୍ତ କରିବା ସହ ସମସ୍ତ ରୋଟାରୀଆନ ଙ୍କ ସହ ଭାବ ବିନିମୟ ଓ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ସ୍ପଷ୍ଟ କରିଥିଲେ। ରୋଟାରୀ କ୍ଲବ ଷ୍ଟିଲ ସିଟିର ସଭାପତି ରୋଟାରିଆନ ବିଣାପାଣୀ ରଥଙ୍କ ଅଧକ୍ଷତାରେ ରାଉରକେଲା। କ୍ଲବ୍ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ଜୟସ୍ୱାଲ ବିଭିନ୍ନ କ୍ଲବର ସମସ୍ତ ରୋଟାରୀଆନଙ୍କୁ ସମ୍ବୋଧିତ କରି ସମସ୍ତଙ୍କ ସହ ଭାବ ବିନିମୟ କରିଥିଲେ। ରୋଟାରୀ କ୍ଲବର ଆଭିମୁଖ୍ୟ,ଦାନ ର ମହତ୍ୱ ,ପୋଲିଓ ନିରାକରଣ, ଐକ୍ୟବଦ୍ଧତା ଓ ସାମାଜିକ ଦାୟିତ୍ୱବୋଧ ତଥା ପ୍ରତିବଦ୍ଧତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଡିଜି ଇଲେକ୍ଟ ଆଲାମ ସିଂ ରୂପ୍ରା,ମୋ ରୋଟାରୀର ଜିଲ୍ଲା ଅଧକ୍ଷ ଅଜୟ ଅଗ୍ରୱାଲ, ଆସିଷ୍ଟାଂଟ ଗଭର୍ଣ୍ଣର ରଶ୍ମି ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଷ୍ଟିଲ ସିଟିର ସଭାପତି ରୋଟାରୀଆନ ବିଣାପାଣୀ ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦିକା ରୋଟାରୀଆନ ରଶ୍ମି ମିଶ୍ର କ୍ଲବ୍ ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଉପଦେଷ୍ଟା ରୋଟାରୀଆନ ଡ ଅଞ୍ଜନା ମୈତ୍ର କ୍ଲବର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ନୂତନ ଭାବେ ଯୋଗ ଦେଇ ଥିବା ରୋଟାରୀଆନ ଜୟଶ୍ରୀ ପଟ୍ଟନାୟକ ରୋଟାରୀଆନ ଙ୍କ ଅସୀମ ପଟ୍ଟନାୟକଙ୍କୁ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ସମ୍ମାନିତ କରିଥିଲେ। ରୋଟାରୀଆନ ସୁଚିସ୍ମିତା ବିଶ୍ୱାସ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଶ୍ରୀ ଜୟସ୍ୱାଲଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ରୋଟାରୀଆନ ଡ ସରିତା ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ।

ସେଲ୍,ଆରଏସପି ଅନ୍ତର୍ଗତ ସିଟଂର ପ୍ଲାଂଟ-୧ ବିଭାଗରେ ସୁରକ୍ଷା ସଚେତନତା ନାଟକ ପ୍ରଦର୍ଶିତ

ରାଉରକେଲା,୧/୪(ନି/ପ୍ର): କର୍ମଚାରୀଙ୍କ ମଧ୍ୟରେ ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ ସୁରକ୍ଷିତ କାର୍ଯ୍ୟର ଗୁରୁତ୍ୱକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅନ୍ତର୍ଗତ ସିଟଂର ପ୍ଲାଟଂ-୧ ବିଭାଗରେ ମାର୍ଚ୍ଚ ୨୭ ତାରିଖ ଦିନ ସୁରକ୍ଷାର ନିୟମ ଶୀର୍ଷକ ଏକ ସୁରକ୍ଷା ସଚେତନତା ନାଟକ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି. ଆର. ପଲାଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ସେବା ବିଭାଗର ସିଜିଏମ୍ ଇନ-ଚାର୍ଜ ଶ୍ରୀ ଏ. ସି. ସରକାର, ରକ୍ଷଣାବେକ୍ଷଣ ବିଭାଗର ସିଜିଏମ୍ ଶ୍ରୀ ଏସ. ଏସ. ରାୟଚୌଧୁରୀ ଏବଂ ସୁରକ୍ଷା ବିଭାଗର ସିଜିଏମ୍ ଶ୍ରୀ ହୀରାଲାଲ ମହାପାତ୍ରଙ୍କ ସହ କାରଖାନାର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ମଧ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନଙ୍କ ସ୍ୱାଗତ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସିଟଂର ବିଭାଗର ସିଜିଏମ୍ ଶ୍ରୀ ଶେଖର ନାରାୟଣ ନିଜ ସ୍ୱାଗତ ଭାଷଣରେ, ଦୈନନ୍ଦିନ କାର୍ଯ୍ୟରେ ସୁରକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏଥି ସହ ସୁରକ୍ଷା କେବଳ ଏକ ପ୍ରାଥମିକତା ନୁହେଁ, ବରଂ ଜୀବନର ଏକ ଉପାୟ ବୋଲି ଗୁରୁତ୍ୱାରୋପ ମଧ କରିଥିଲେ। ସୁରକ୍ଷା ନାଟକଟି ବାସ୍ତବ ଜୀବନରେ କାର୍ଯ୍ୟକ୍ଷେତ୍ର ପରିସ୍ଥିତିକୁ ପ୍ରଭାବଶାଳୀ ଭାବରେ ଚିତ୍ରଣ କରିଥିଲା। ଏଥି ସହ, ସୁରକ୍ଷାରେ ଅବହେଳାର ପରିଣାମ ଏବଂ ସୁରକ୍ଷା ମାନଦଣ୍ଡ ପାଳନ କରିବାର ଗୁରୁତ୍ୱ ଉପରେ ଏକ ଦୃଢ଼ ବାର୍ତା ମଧ ଦେଇଥିଲା। ଏହି ଆକର୍ଷଣୀୟ ନାଟକଟି ଉପସ୍ଥିତ ସମସ୍ତଙ୍କ ଦ୍ୱାରା ଅତ୍ୟନ୍ତ ପ୍ରଶଂସନୀୟ ହୋଇଥିଲା। ଏହି ନାଟକରେ ଏସପି-୧ ବିଭାଗର ଶ୍ରୀ ସୌମ୍ୟରଞ୍ଜନ ଜେନା, ଶ୍ରୀ କରନ ଓରାମ, ଶ୍ରୀ ଘନଶ୍ୟାମ ଗୋନ୍ଧା, ଶ୍ରୀ ଅରୁଣ କେରକେଟ୍ଟା, ସୁଶ୍ରୀ କିସମତୀ ସିଂହ, ସୁଶ୍ରୀ ସୁଜାତା ଏକ୍କା, ସୁଶ୍ରୀ ଶକୁନ୍ତଳା ଭୂମିଜ ଏବଂ ଶ୍ରୀ ବିଜୟ ସୋଇ ପ୍ରଶଂସନୀୟ ଅଭିନୟ କରିଥିଲେ। ସୂଚନା ଯୋଗ୍ୟ ଯେ, ଏସପି-୧ ବିଭାଗର ଏଜିଏମ ଶ୍ରୀ ପ୍ରଭାତ କୁମାର ଦାଶ ଏହି ନାଟକର ରଚନା ଏବଂ ନିର୍ଦ୍ଦେଶନା ଦେଇଥିବାବେଳେ କାର୍ଯ୍ୟକ୍ରମର ସଂଯୋଜନା ମଧ କରିଥିଲେ। ସମାବେଶକୁ ସମ୍ବୋଧିତ କରି, ଶ୍ରୀ ବି. ଆର. ପଲାଇ କଳାକାର ଏବଂ ଆୟୋଜକଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହା ସହ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ବଜାୟ ରଖିବା ପାଇଁ ନିରନ୍ତର ସତର୍କତା, ଶୃଙ୍ଖଳା ଏବଂ ପ୍ରତିବଦ୍ଧତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସେ କଳାକାରମାନଙ୍କୁ ସମ୍ମାନିତ ମଧ କରିଥିଲେ। ଶେଷରେ ଏସପି-୧ (ଇଲେକ୍ଟ୍ରିକାଲ୍) ବିଭାଗର ଜିଏମ ଶ୍ରୀ ସଞ୍ଜୟ ତଲୱାର ଧନ୍ୟବାଦ କରିଥିଲେ। ଏହି କାର୍ଯ୍ୟକ୍ରମଟି ଏସପି-୧ ର ବିଭାଗୀୟ ମୁଖ୍ୟ ଶ୍ରୀ ଶୁଭ୍ରାଂଶୁ ଚକ୍ରବର୍ତୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ସୁରକ୍ଷା କେବଳ ଏକ ନିୟମ ନୁହେଁ, ବରଂ ଏକ ଦାୟିତ୍ୱ ଓ ସଂସ୍କୃତି ଯାହା ସମସ୍ତଙ୍କ ପାଳନୀୟ ବାର୍ତାକୁ ଦୃଢ଼ କରିବାରେ ଏକ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଥିଲା।

ଓଡିଶାର ସର୍ବଶ୍ରେଷ୍ଠ ଆଇଆଇସି ଭାବେ ବିଜୟ କିଶୋର ଦାଶଙ୍କୁ "ବି.ବି. ମିଶ୍ର ଟ୍ରଫି"

ରାଜଗାଙ୍ଗପୁର,୧/୪(ନି/ପ୍ର): ଓଡିଶା ପୋଲିସ ପକ୍ଷରୁ ପ୍ରତିଷ୍ଠିତ "ବି.ବି. ମିଶ୍ର ଟ୍ରଫି" ପାଇଁ ଚଳିତ ବର୍ଷର ସର୍ବଶ୍ରେଷ୍ଠ ଥାନା ଅଧିକାରୀ (ଆଇଆଇସି) ଭାବେ ସୁନ୍ଦରଗଡ ପୋଲିସ ଜିଲ୍ଲା ଅନ୍ତର୍ଗତ ରାଜଗାଙ୍ଗପୁର ଥାନା ଅଧିକାରୀ ଶ୍ରୀ ବିଜୟ କିଶୋର ଦାଶଙ୍କୁ ଚୟନ କରାଯାଇଛି। ତାଙ୍କର କର୍ତବ୍ୟନିଷ୍ଠା, ଦୃଢ଼ ପରିଚାଳନା ଶୈଳୀ ଏବଂ ଆଇନ-ଶୃଙ୍ଖଳା ରକ୍ଷାରେ ଉଲ୍ଲେଖନୀୟ ଭୂମିକା ପାଇଁ ଏହି ସମ୍ମାନ ଦିଆଯାଇଛି। ସେ ନିଜ କାର୍ଯ୍ୟକାଳୀନ ସମୟରେ ଅପରାଧ ନିୟନ୍ତ୍ରଣ, ସାମାଜିକ ସମ୍ପର୍କ ସୁଦୃଢ଼ କରିବା ସହିତ ଲୋକମାନଙ୍କର ଭରସା ଜିତିବାରେ ବେଶ ସଫଳ ହୋଇଛନ୍ତି। ଜନସାଧାରଣଙ୍କ ସହ ସମନ୍ୱୟ ରଖି ପୋଲିସିଂରେ ସ୍ୱଚ୍ଛତା ଏବଂ ଦାୟିତ୍ୱବୋଧ ପ୍ରଦର୍ଶନ କରିଥିବାରୁ ସେ ବିଶେଷ ଭାବରେ ପ୍ରଶଂସିତ ହୋଇଛନ୍ତି। ବିଶେଷ କଥା ହେଉଛି, ଶ୍ରୀ ଦାଶ ବିଗତ ଦିନରେ ତାଙ୍କର ଉତ୍କୃଷ୍ଟ ସେବା ପାଇଁ ଡିଜିପି ଡିସ୍କ ଆୱାର୍ଡ, ଡିଜିପି କମେଣ୍ଡେସନ ଆୱାର୍ଡ, ରାଜ୍ୟପାଳ ପଦକ ତଥା ରାଷ୍ଟ୍ରପତି ପଦକ ମଧ୍ୟ ପାଇ ସାରିଛନ୍ତି, ଯାହା ତାଙ୍କର ପେଶାଦାରୀ କୁଶଳତାକୁ ଆହୁରି ଉଜାଗର କରେ। ଏହି ସଫଳତା ପାଇଁ ବିଜୟ କିଶୋର ଦାଶଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନର ବନ୍ୟା ବହୁଛି। ପୋଲିସ ବିଭାଗରେ ତାଙ୍କର ଏହି ଉପଲବ୍ଧି ଅନ୍ୟ ଅଧିକାରୀ ମାନଙ୍କ ପାଇଁ ଏକ ପ୍ରେରଣା ହେବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

ପୂର୍ବତନ ମୁଖ୍ୟ ଲିପିକ ନିମାଇଁ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୧/୪(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ କାର୍ଯ୍ୟାଳୟରେ ପୂର୍ବତନ ମୁଖ୍ୟ ଲିପିକ ପ୍ରୟାତ ନିମାଇଁ ଚରଣ ମହାନ୍ତିଙ୍କ ଦ୍ୱାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ହୋଟେଲ ଦି ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ପକ୍ଷରୁ ଆହୁତ ଶ୍ରଦ୍ଧାଞ୍ଜଳି ସଭାରେ ସଭାପତିତ୍ୱ କରିଥିଲେ ମୁଖ୍ୟ ପୃଷ୍ଠପୋଷକ ଅଧ୍ୟାପକ ଅଜୟ ସାମଲ। ନିମାଇଁ ବାବୁଙ୍କ କାର୍ଯ୍ୟଦକ୍ଷତା, ନିଷ୍ଠା, ପରୋପକାର ପାଇଁ ପ୍ରସିଦ୍ଧ ଲାଭ କରିଥିଲେ।